
# ମହିମାଧର୍ମ
# ଓ
# ସନ୍ନ୍ୟାସୀ ମହୀନ୍ଦ୍ର ବାବା



PH
294.5
N 231 M

ଖକ : ଶ୍ରୀ ଉଦ୍ଧବ ଚରଣ ନାୟକ, ଏମ୍. ଏ.

INDIAN INSTITUTE OF
ADVANCED STUDY
LIBRARY SHIMLA

# ମହିମାଧର୍ମ
# ଓ
# ସନ୍ନ୍ୟାସୀ ମହୀନ୍ଦ୍ର ବାବା

ଲେଖକ

**ଶ୍ରୀ ଉଦ୍ଧବ ଚରଣ ନାୟକ, ଏମ୍. ଏ.**

ତଥ୍ୟ ସଂଗ୍ରହକାରୀ

**ସନ୍ନ୍ୟାସୀ ମହେଶ୍ୱର ବାବା**

ପ୍ରାପ୍ତିସ୍ଥାନ

**ଅନନ୍ତ ପୁସ୍ତକ ଭଣ୍ଡାର**

ପ୍ରୋ : ଶ୍ରୀ ଅନନ୍ତ ଚରଣ ନାୟକ

ପୋ : ମହିମାଗାଦି, ୭୫୯୦୧୪

ଢେଙ୍କାନାଳ (ଓଡ଼ିଶା)

# MAHIMA DHARMA O SANYASI
## MAHINDRA BABA

ତଥ୍ୟ ସଂଗ୍ରାହକ :
**ସନ୍ନ୍ୟାସୀ ମହେଶ୍ୱର ବାବା**
କୌପୀନଧାରୀ ମହିମା ସମାଜ, ମହିମାଗାଦି

ଲେଖକ :
**ଶ୍ରୀ ଉଦ୍ଧବ ଚରଣ ନାୟକ**, ଏମ୍. ଏ.
ମହିମାଗାଦି-୭୫୯୦୧୪

ପ୍ରକାଶିକା :
**ଶ୍ରୀମତୀ ବିଜୟଲକ୍ଷ୍ମୀ ନାୟକ**
ମହିମାଗାଦି

ପ୍ରାପ୍ତିସ୍ଥାନ :
**ଅନନ୍ତ ପୁସ୍ତକ ଭଣ୍ଡାର**
ପ୍ରୋପ୍ରାଇଟର :
**ଶ୍ରୀ ଅନନ୍ତ ଚରଣ ନାୟକ**
ମହିମାଗାଦି-୭୫୯୦୧୪

ମୁଦ୍ରଣ :
ଶ୍ରୀ ବସନ୍ତ କୁମାର ଦାଶ
**ଶ୍ରୀ ସତ୍ୟନାରାୟଣ ପ୍ରେସ**
ତିଗରପଡ଼ା, କଟକ-୭୫୩୦୦୨

ଆତ୍ମପ୍ରକାଶ :
ମାର୍ଗଶୀର ପୂର୍ଣ୍ଣିମା
୧୯୭୮

ମୂଲ୍ୟ :
ଟ ୧.୫୦ (ଏକଟଙ୍କା ପଚାଶ ପଇସା)

PH
294.5
N231M
81155
27/5/93

## ଲେଖକଙ୍କ ମନ୍ତବ୍ୟ :—



ପିଲାଦିନେ ସନ୍ନ୍ୟାସୀ ମହୀନ୍ଦ୍ର ବାବାଙ୍କ ପାଖରେ ବସି ଉପଦେଶ ଶୁଣେ । ମୋ ସାଙ୍ଗରେ ମଧ୍ୟ ବାବା ମହୋଦୟଙ୍କର ପରମ ଶିଷ୍ୟ ମହେଶ୍ୱର ବାବା, କୁମରମଣି ବାବା, ଦୟାନନ୍ଦବାବ. ଓଗେର ସନ୍ନ୍ୟସୀଗଣ ବାବାଙ୍କ ପାଖରେ ଉପସ୍ଥିତ ଥାଆନ୍ତି । ବହୁ ଉପଦେଶ ବାବା ପ୍ରଦାନ କରନ୍ତି ଓ ଆମ୍ଭେମାନେ ମନଦେଇ ଶୁଣୁ । ବାବା ମଧ୍ୟ ତାଙ୍କ ଜୀବନର କେତେକ ଘଟଣା ପ୍ରକାଶ କର ଥାଆନ୍ତି । ମୁଁ କହେ ବାବା ଆପଣଙ୍କ ଜୀବନୀ ଲେଖିବି ଆପଣ ଛପାଇ ଦେବେ । ବାବା କହନ୍ତି ଆରେ ମୂର୍ଖ, ଜୀବନ ଥାଉଁ ଥାଉଁ କାହାର ଜୀବନୀ ଲେଖା ଯାଏନା । ଏ ଗୁଡ଼ାକ ମଧ୍ୟ ତୁମକୁ କହି ଲେଖାଇବା ଆହୁରି ବୋକାମି । ମୁଁ ଦେହଛାଡ଼ି ଗଲେ ତୁମେ ଲେଖିପାର, ଛପାଇ ପାର । ସେଥିରେ ମୋର କ'ଣ କହିବାର ଅଛି ବୋଲି ବାବା କହନ୍ତି । ସେଇଦିନୁ ମହେଶ୍ୱର ବାବା ସମସ୍ତ ତଥ୍ୟ ରଖି ଥାଆନ୍ତି ଓ ମୋତେ ବାରମ୍ବାର ରଚନା କରିବାକୁ କହିଛନ୍ତି । ଆଜ ତାହା ପୂଜ୍ୟଗୁରୁ ମହୀନ୍ଦ୍ର ବାବାଙ୍କ ଅପାର କରୁଣା ବଳରୁ ସମ୍ଭବ ହୋଇପାରିଛି ।

ଆଶା, ଜଗତବାସୀ ଏହାକୁ ମନଯୋଗ ଦେଇ ପାଠକଲେ ଲେଖକଙ୍କର ଶ୍ରମ ସାର୍ଥକ ହେବ । ଇତି ।

ମହିମାଗାଦି — **ଉଦ୍ଧବ ଚରଣ ନାୟକ**, ଏମ୍. ଏ.

ତା ୧୦ । ୧...

Library IIAS, Shimla
PH 294.5 N 231 M
00081155

# ଅଲେଖ ପରଂବ୍ରହ୍ମଣେ ନମଃ


## ଶ୍ରୀଗୁରବେ ନମଃ

**ପଦେ :—**

ସନ୍ନ୍ୟାସୀ ମହାନନ୍ଦ ବାବା ମୋର ପରମ ପୂଜ୍ୟ ଗୁରୁଦେବ ଭାବେ ମୋତେ ବହୁତ କଥା ଶିଖାଇଛନ୍ତି ଓ ଭଲ ବାଟ ଯିବାପାଇଁ ଇଙ୍ଗିତ ପ୍ରଦାନ କରିଛନ୍ତି । ତାଙ୍କର ଦାନ ଦେଶ, ସମାଜ ଓ ମହିମାଧର୍ମ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ମୁଁ ବାଳକ ସନ୍ନ୍ୟାସୀ ଥିବା ଅବସ୍ଥାରେ ବାବାଙ୍କ ପାଖରେ ଉପଦେଶ ଶୁଣୁଥିବା ସମୟରେ ବାବା ତାଙ୍କ ଜୀବନର ବହୁ ଘଟଣା ମୋତେ ପ୍ରସଙ୍ଗ ଛଳରେ କହି ଯାଇଛନ୍ତି ଓ ତାହା ଆଜ ଭକ୍ତ ଶ୍ରୀ ଉଦ୍ଧବ ଚରଣ ନାୟକ, ଏମ୍. ଏ ଙ୍କ କଲମ ମୂନରେ ହସି ଉଠିଛି । ଏହା ମୋ ପକ୍ଷେ ଗର୍ବର ବିଷୟ । ଯାହା ସବୁ ପୂଜ୍ୟ ଗୁରୁ ମହାନନ୍ଦ ବାବା ମୋତେ କହିଥିଲେ ତାହା ଏହି ପୁସ୍ତିକାରେ ପ୍ରକାଶ କରାଯାଇଛି । ଏତଦ୍‌ବ୍ୟତୀତ ଯଦି କୌଣସି ଭକ୍ତ, ସନ୍ନ୍ୟାସୀ ମହୋଦୟଗଣ ଅଧିକ ତଥ୍ୟ ବାବାଙ୍କ ସମ୍ବନ୍ଧରେ ଜାଣିଥିବେ, ତାହା ମୋ ପାଖକୁ ପଠାଇଲେ ପରବର୍ତ୍ତୀ ଦ୍ୱିତୀୟ ସଂସ୍କରଣରେ ପ୍ରକାଶ କରିବି । ମହାନନ୍ଦ ବାବାଙ୍କ ଗୃହସ୍ଥ ଜ୍ୟେଷ୍ଠ ଭ୍ରାତା ଶ୍ରୀ ପଞ୍ଚାନନ ପାତ୍ର, ଗ୍ରାମ:···ନଳନ୍ଦିଆ ପୋ: ଅ:—ନମୌଜା, ଭାୟା: ଆଳି ଜି: କଟକ ମଧ୍ୟ ମୋତେ କେତେକ ତଥ୍ୟ ଯୋଗାଇ ଦେଇଥିବାରୁ ମୁଁ ପଞ୍ଚାନନ ବାବୁଙ୍କର ମଙ୍ଗଳ କାମନା କରୁଛି ।

ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଜିଲ୍ଲା କଡ଼େଇଗୁଡ଼ା ଗ୍ରାମର ମହିମା ଭକ୍ତ ଶ୍ରୀ କମ୍ବୁପାଣି ବଡ଼ଭାଇ ଏଇ ପୁସ୍ତକ ଛପା ହେବା ପାଇଁ ମୋତେ ଉତ୍ସାହିତ କରିଥିବାରୁ ମୁଁ କମ୍ବୁପାଣିଙ୍କର ମଙ୍ଗଳ କାମନା କରୁଛି । ଇତି ।

| | |
|---|---|
| ମହିମାଗାଦି | କୌପୀନଧାରୀ ସନ୍ନ୍ୟାସୀ |
| ତା ୧୦ । ୧୦ । ୭୮ | **ମହେଶ୍ୱରବାବା**, ମହିମାଗାଦି |



ସନ୍ନ୍ୟାସୀ ଶ୍ରୀ ମହେଶ୍ୱର ବାବା

## ନମଃ ଅଲେଖ ସଚ୍ଚିଦାନନ୍ଦମ୍

# ପ୍ରଥମ ଅଧ୍ୟାୟ

( ମହିମାଧର୍ମ ଓ ସନ୍ନ୍ୟାସୀ ମହେନ୍ଦ୍ର ବାବା )

ଦେବାଦେବୀ ଓ ମୂର୍ତ୍ତିପୂଜାକୁ ଘୋର ବିରୋଧ କରି ସତ୍ୟସନାତନ ମହିମା ଧର୍ମର ସୃଷ୍ଟି । ମହିମା ଧର୍ମର ପ୍ରଚାରକ ପ୍ରବର୍ତ୍ତକ ତଥା ପ୍ରାଣପ୍ରତିଷ୍ଠାତା ଥିଲେ ଦେବାତ୍ମା କରୁଣାର ଅବତାର ବିଶ୍ୱଗୁରୁ * ଯୋଗେଶ୍ୱର ମହିମା ପ୍ରଭୁ । ହିନ୍ଦୁଧର୍ମର ଭିତ୍ତି ଭୂମି ଉପରେ ମହିମାଧର୍ମ ବା ଅଲେଖଧର୍ମ ସ୍ୱୟଂ ସମ୍ପୂର୍ଣ୍ଣ ଭାବରେ ପ୍ରତିଷ୍ଠିତ । ଊନବିଂଶ ଶତାବ୍ଦୀର ପ୍ରାକ୍‌କାଳରେ ମହିମା-ଧର୍ମ ଧର୍ମପ୍ରାଣ ଜନତାର ହୃଦୟକୁ ଆଲୋଡ଼ିତ କଲା । ଏହା ସତ୍ୟ ଯେ ଉଚ୍ଛୃଙ୍ଖଳିତ ମାନବ ସମାଜ ଯେତେବେଳେ କୁକର୍ମରେ ପଡ଼ି ସମାଜରେ ନାନା ଅନୀତି ଅନ୍ୟାୟ ଆଚରଣ କରେ ସେତେବେଳେ ଭଗବାନ ମାନବ ରୂପରେ ଜନ୍ମ ଲାଭକରି ଅବକ୍ଷୟମାନ ମାନବ ସମାଜକୁ ନିଶ୍ଚିତ ପତନ ମୁଖରୁ ଉଦ୍ଧାର କରି ନୂତନ ଦିଗ୍ ଦର୍ଶନ ଦେଇଥାଆନ୍ତି ।

୧୮୨୬ ମସିହାରେ ସ୍ୱୟଂ ଭଗବାନ ବିଶ୍ୱବ୍ରହ୍ମାଣ୍ଡରେ ନର ଦେହଧରି "ଯୋଗେଶ୍ୱର ମହିମା ପ୍ରଭୁ" ଭାବେ ପରିଚିତ ହୋଇ ମହିମାଧର୍ମ ପ୍ରଚାର କରିଥିଲେ । ମୂର୍ତ୍ତି ପୂଜା ପରିହାର ପୂର୍ବକ ଏକ ବ୍ରହ୍ମ ଉପାସନା ହିଁ ମହିମାଧର୍ମର ମୂଳ ଲକ୍ଷ୍ୟ । ମହିମାଧର୍ମର ପ୍ରବର୍ତ୍ତକ ଯୋଗେଶ୍ୱର ପ୍ରଭୁ ଅଯୋନି ସମ୍ଭୂତ ଥିଲେ । ହଠାତ୍ ଯୋଗେଶ୍ୱର ମହିମା ପ୍ରଭୁ ନର ଦେହରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର

*

ଜନ୍ମସ୍ଥାନ ପିତା ମାତା ଇତ୍ୟାଦିଙ୍କର କୌଣସି ସଠିକ୍ ପ୍ରମାଣ ଏ ପର୍ଯ୍ୟନ୍ତ ମିଳନାହିଁ । * ଯୋଗେଶ୍ୱର ମହିମା ପ୍ରଭୁଙ୍କ ଆବିର୍ଭାବ ପୂର୍ବରୁ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ମହାପୁରୁଷ ତାଙ୍କ ରଚିତ "ଭବିଷ୍ୟତ ମାଳିକା"ରେ ଭଗବାନ ମହିମା ପ୍ରଭୁଙ୍କ ଆବିର୍ଭାବ ହେବା କଥା ସୂଚନା ଦେଇଥିଲେ ।

× × × × ×

"ପୁଣି କଳିପାପ ଭରା ହୋଇବ ପ୍ରବଳ ।
ଅଯୋନି ସମ୍ଭୂତ ହେବେ ବୁଦ୍ଧ ଅବତାର ॥
ଯୋଗୀ ବେଶ ଧରିଥିବେ କପିଳାସ ସ୍ଥାନ ।
ବିନା ଆହାରରେ ତହିଁ ନେବେ କିଛି ଦିନ ॥
ତହିଁ ବୁଲି ବ୍ରହ୍ମାଣ୍ଡରେ ମାଗୁଥିବେ ଅନ୍ନ ।
ଗ୍ରାମେ ଗ୍ରାମେ ବୁଲିକରି ଯାଚୁଥିବେ ଜ୍ଞାନ ॥
ଅନ୍ନ ନ ଦେବେଟି ଭିକ୍ଷା ନବୁଝିବେ ଜ୍ଞାନ ।
ଥୋକେ ବୁଲୁଥିବେ ଏ ତ ପାଗଳ ବଚନ ॥
ସପ୍ତଦ୍ୱୀପା ମହୀ ବୁଲି ସ୍ୱାମୀ ମହାବାହୁ ।
ସତ୍ୟଧର୍ମ ଯାଚୁଥିବେ ନ ବୁଝିବେ କେହୁ ॥
ଏକ ମାନ ଭେଇ କିଛି ମହିମା ବଖାଣି ।
କହିବ ଥୋକାଏ ଜ୍ଞାନ ପ୍ରଭୁଠାରୁ ଶୁଣି ॥"

× × × × ×

ସତ୍ୟ ମହିମାଧର୍ମର ଇତିହାସ ପ୍ରତି ଗଭୀର ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଯେ ଉକ୍ତଧର୍ମ ହିନ୍ଦୁଧର୍ମର ସରଳ ରୂପାନ୍ତର

---

* —ଯୋଗେଶ୍ୱର ମହିମା ପ୍ରଭୁ—ଭଗବାନ ମହିମା ପ୍ରଭୁ ବା ମହିମାଧର୍ମର ପ୍ରବର୍ତ୍ତକ ।

ମାତ୍ର । କଳିଯୁଗରେ ଭଗବାନ ବୁଦ୍ଧ ଅବତାର ହୋଇ ଏହି ନୂତନ ମହିମାଧର୍ମ ପ୍ରଚାର କରିଥିଲେ ଓ ମହିମାଧର୍ମ ସଂପର୍କରେ ସରଳ ସାବଲୀଳ ଗ୍ରାମ୍ୟ ଭାଷାରେ ସାଧୁ ଓ ଧର୍ମପିପାସୁମାନଙ୍କୁ ଉପଦେଶାମୃତ ଦାନ କରିଥିଲେ । ଯୋଗେଶ୍ୱର ପ୍ରଭୁ ନାନା ସ୍ଥାନ ଭ୍ରମଣ ପୂର୍ବକ କପିଳାସ ପାହାଡ଼ରେ ଆତ୍ମଯୋଗ ସମାଧିରେ ଉପବିଷ୍ଟ ହୋଇ ସିଦ୍ଧିଲାଭ ପ୍ରାପ୍ତିପରେ ଏକ ବ୍ରହ୍ମ ଉପାସନା ସମ୍ବନ୍ଧରେ ଜଗତ ଭଗତମାନଙ୍କୁ ନୂତନ ଆଲୋକ ପ୍ରଦାନ କରି-ଥିଲେ । ସର୍ବଦା ମହିମାଧର୍ମ କିପରି ଧରାଧାମରେ ତିଷ୍ଠି ରହି ପାରିବ ସେଥି ନିମନ୍ତେ ପ୍ରଭୁ ସନ୍ନ୍ୟାସୀ ଶ୍ରେଣୀ ଗଠନ କରି ଯାଇଛନ୍ତି । ଗୁରୁ ଶିଷ୍ୟ ମଧ୍ୟରେ କିପରି ନିଗୁଢ ସଂପର୍କ ରହି ମୈତ୍ରୀ ଆନୟନ ହୋଇ ପାରିବ ସେଥି ନିମନ୍ତେ ମହିମା ପ୍ରଭୁ ମଧ୍ୟ ଶିଷ୍ୟଲାଭ ଦୀକ୍ଷା ପ୍ରଣୟନ କରିଯାଇଛନ୍ତି । ଯୋଗେଶ୍ୱର ପ୍ରଭୁ ୮୪ ଜଣଙ୍କୁ ଡୋର କୌପୀନ ଓ ୯୧ ଜଣଙ୍କୁ ବଲ୍‌କଳ ଦାନା ପ୍ରଦାନ କରି ମହିମା ସନ୍ନ୍ୟାସୀ ନାମରେ ଅଭିହିତ କରିଥିଲେ । ଉକ୍ତ ସନ୍ନ୍ୟାସୀମାନଙ୍କ ମଧ୍ୟରୁ ୩୪ ଜଣ କୌପୀନଧାରୀ ସନ୍ନ୍ୟାସୀ ଓ ୭୪ ଜଣ ବଲ୍‌କଳ ଧାରୀ ସନ୍ନ୍ୟାସୀମାନଙ୍କୁ ସିଦ୍ଧ ସାଧୁ ଆଖ୍ୟା ପ୍ରଦାନ କରିଥିଲେ । ଯେଗେଶ୍ୱର ପ୍ରଭୁ ନିଜେ ଉକ୍ତ ଦୁଇ ଶ୍ରେଣୀ ସନ୍ନ୍ୟାସୀ ଯଥା :—କୌପୀନଧାରୀ ଓ ବଲ୍‌କଳଧାରୀ ସନ୍ନ୍ୟାସୀମାନଙ୍କର ସୃଷ୍ଟିକର୍ତ୍ତା । ବର୍ତ୍ତମାନ ଏହି ଦୁଇଗୋଷ୍ଠିର ସନ୍ନ୍ୟାସୀମାନେ ମହିମାଗାଦୀଠାରେ ପ୍ରତିଷ୍ଠିତ ହୋଇଛନ୍ତି ।

× × × × ×

ଆମ୍ଭମାନଙ୍କର ଆଲୋଚ୍ୟ ସନ୍ନ୍ୟାସୀ ମହେନ୍ଦ୍ର ବାବା ହେଉଛନ୍ତି କୌପୀନଧାରୀ ମହିମା ସମାଜର ଭୃକ୍ଷାସୂପନ୍ଥୀ ସନ୍ନ୍ୟାସୀ । ବାଲ୍ୟ

ବ୍ରହ୍ମଚର୍ଯ୍ୟ ମହିମା ସନ୍ନ୍ୟାସୀ ମହାନନ୍ଦ ବାବାଙ୍କର ସୌମ୍ୟ ମୂର୍ତ୍ତି ଦର୍ଶନ କଲେ ଅଫୁରନ୍ତ ଧର୍ମଭାବ ମନରେ ସ୍ୱତଃ ଜାଗ୍ରତ ହୁଏ । ସନ୍ନ୍ୟାସୀ ମହୋଦୟଙ୍କୁ ଦୂରରୁ ବା ସମ୍ମୁଖରେ ଦର୍ଶନ ଲାଭକଲେ ଭକ୍ତି ଭାବରେ ମନ ବିହ୍ୱଳିତ ହୋଇ ଉଠେ । ଦେବତା ତୁଲ୍ୟ ଚୁଲି ଓ ଶରୀର ଗଠନ ବାବା ମହୋଦୟଙ୍କର ସୌମ୍ୟମୂର୍ତ୍ତିକୁ ଦ୍ୱିଗୁଣିତ କରେ । ମୁଖମଣ୍ଡଳଟି ସମ୍ପୂର୍ଣ୍ଣ ଦାଢ଼ୀ ଦ୍ୱାରା ଆଚ୍ଛାଦିତ ହୋଇ କେବଳ ମାତ୍ର ନୟନ ଯୁଗଳ, ନାସିକା ଓ କପାଳର କିୟଦ୍ ଅଂଶ ଦୃଷ୍ଟିଗୋଚର ହୁଏ । ସନ୍ନ୍ୟାସୀ ମହାନନ୍ଦ ବାବା ରାସ୍ତାରେ ଚାଲିଯାଉଥିଲେ ଧାର୍ମିକ ଲୋକଟା ସ୍ୱତଃ ବିନୟୀ ହୋଇ ପ୍ରଣାମ ପ୍ରଦାନ କରିବାକୁ କୁଣ୍ଠ ବୋଧ କରେ ନାହିଁ । ତାଙ୍କର ସମସ୍ତ ଶରୀର ସର୍ବଦା ଗୈରିକ ବସ୍ତ୍ର ଦ୍ୱାରା ଆଚ୍ଛାଦିତ ହୋଇଥାଏ ଓ କାନ୍ଧରେ ଖଣ୍ଡିଏ ଝୁଲି ମୁଣି ପଡ଼ିଥାଏ । ଏହି ପୁସ୍ତକରେ ଯୋଗୀ ପୁରୁଷ ମହାନନ୍ଦ ବାବାଙ୍କର ଜୀବନୀ ଉପରେ ଆଲୋଚନା କରାଯାଉଛି ।

# ଦ୍ୱିତୀୟ ଅଧ୍ୟାୟ

## ( ମହିମା ସନ୍ନ୍ୟାସୀମାନଙ୍କର ପରିଚୟ ସମ୍ବନ୍ଧରେ )

ଯେହେତୁ ଶ୍ରୀ ଶ୍ରୀ ଯୋଗେଶ୍ୱର ମହିମା ପ୍ରଭୁ ଅଯୋନି ସମ୍ଭୂତ ଓ ତାଙ୍କ ପିତା ମାତା ପରିବାର ସମ୍ବନ୍ଧରେ ପ୍ରମାଣ ନାହିଁ, ସେଥିପାଇଁ ମହିମା ସନ୍ନ୍ୟାସୀମାନେ ସେମାନଙ୍କର ପରିଚୟ କାହାପାଖରେ ପ୍ରକାଶ ନକରି ସାଧାରଣ ଭାବରେ ମହିମା ସନ୍ନ୍ୟାସୀ ବୋଲି ପରିଚିତ ହୋଇଥାଆନ୍ତି । ମହିମା ସନ୍ନ୍ୟାସୀ ମାନଙ୍କୁ ସେମାନଙ୍କର ପରିଚୟ ସମ୍ବନ୍ଧରେ ଜିଜ୍ଞାସା କଲେ ନାସ୍ତିବାଚକ ଉତ୍ତର ମିଳିଥାଏ ବା କେହି କେହି ପିତାଙ୍କ ନାମ ଅଲେଖ ଓ ଜନ୍ମସ୍ଥାନ ମହିମାଗାଦି ବୋଲି କୌତୁହଳରେ କହିଥାଆନ୍ତି ।

କେବଳ ମହିମାଧର୍ମ ସନ୍ନ୍ୟାସୀମାନଙ୍କ ବ୍ୟତୀତ ଅନ୍ୟ ସମ୍ପ୍ରଦାୟର ସନ୍ନ୍ୟାସୀ ମାନେ ନିଜର ପୂର୍ବ ପରିଚୟ ଦେଇଥାଆନ୍ତି । ବୌଦ୍ଧଧର୍ମର ପ୍ରତିଷ୍ଠାତା ବୁଦ୍ଧଦେବଙ୍କର ପରିଚୟ ମଧ୍ୟ ସମସ୍ତଙ୍କର ଦୃଷ୍ଟିଗୋଚର ଲାଭ କରିଛି । ସର୍ବସାଧାରଣଙ୍କ ମତଅନୁସାରେ ସତ୍‌ମାର୍ଗୀ ସନ୍ତାନର ପରିଚୟ ପିତା ମାତାଙ୍କର ସମ୍ମାନକୁ ବହୁ-ଗୁଣିତ କରେ ଏହା ନିଃସନ୍ଦେହ । ସୁ ସନ୍ତାନ ଜନ୍ମକରି ଯଦିଓ ପିତାମାତାଙ୍କର ପରିଚୟ ଆତ୍ମଗୋପନ ଲାଭ କରେ ତେବେ ପିତାମାତାଙ୍କର ମାନକ୍ଷୁଣ୍ଣ ହେବ । ପିତାମାତାମାନେ ଦୁଃଖ କଷ୍ଟ ସହ୍ୟ କରି ଭଗବାନଙ୍କ ଅସୀମ କରୁଣାରୁ ସନ୍ତାନ ଲାଭ କରି ଥାଆନ୍ତି, ସେମାନଙ୍କୁ କପରି ନିମ୍ନଗାମୀ କରିବାକୁ ହେବ ? ଏଣୁ ସନ୍ନ୍ୟାସୀ ହୁଅନ୍ତୁ, ସାଧୁ ହୁଅନ୍ତୁ, ଯୋଗଜନ୍ମା ବା ଯୋଗ ପୁରୁଷ

ତୁଅନ୍ତୁ ପିତାମାତାଙ୍କ ନାମ ଓ ଜନ୍ମସ୍ଥାନ ପ୍ରକାଶ କରିବାରେ କୌଣସି ଦ୍ୱିଧାମତ ପୋଷଣ କରିବା ଉଚିତ ନୁହେଁ । କିନ୍ତୁ ମହିମା ସନ୍ନ୍ୟାସୀମାନଙ୍କର ଗୁରୁଙ୍କ ଆଦେଶ ଏହା ପ୍ରକାଶ ନକରିବା ପାଇଁ ଅଛି । ଏଣୁ ସେମାନଙ୍କର ଗୁରୁଆଜ୍ଞା ଶିରୋଧାର୍ଯ୍ୟ କରିବା ସ୍ୱାଭାବିକ । ବହୁ ମହିମା ସନ୍ନ୍ୟାସୀମାନେ କୁହନ୍ତି ଯେ, ଗୃହ ଜଂଜାଳ, ପରିବାରର ଐତିହ୍ୟ ସମ୍ପର୍କରେ କୌଣସି ବିଷୟ ପ୍ରକାଶ କଲେ ପୁନର୍ବାର ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନର ଆଶଙ୍କା ଥାଏ । ଏଣୁ ଏ ସବୁ ପ୍ରକାଶ କରିବାକୁ ସେମାନେ କୁଣ୍ଠାବୋଧ କରନ୍ତି ।

ମହିମା ସନ୍ନ୍ୟାସୀ ମହୀନ୍ଦ୍ର ବାବା ନଶ୍ୱର ଶରୀର ତ୍ୟାଗକରି ଚାଲିଗଲେଣି, ହେଲେ ମହିମାଧର୍ମରେ ଯେଉଁ ପ୍ରକାର ସଂସ୍କାର ବା ନୂତନ ଦିଗ୍‌ଦର୍ଶନ ଦେଇ ଯାଇଛନ୍ତି ତାହା ଜଗତବାସୀ ନିଶ୍ଚେ ହୃଦୟଙ୍ଗମ କରୁଥିବେ । ଏହି ପୁସ୍ତକରେ ଯୋଗୀ ଶ୍ରେଷ୍ଠ ବିଶ୍ୱବନ୍ଦ୍ୟ ମହିମା ସନ୍ନ୍ୟାସୀ ମହୀନ୍ଦ୍ର ବାବାଙ୍କର ଜୀବନର ସଂକ୍ଷିପ୍ତ ପରିଚୟ ର ସମ୍ୟକ୍ ଧାରଣା ଦିଆଯାଇଅଛି ।

## ମହୀନ୍ଦ୍ର ବାବାଙ୍କ ଜନ୍ମସ୍ଥାନ "ଗ୍ରାମ ନଳଦିଆ"

କଟକ ଜିଲ୍ଲା କେନ୍ଦ୍ରାପଡ଼ା ସବ୍‌ଡିଭିଜନ ରାଜନଗର ଥାନାର ନଳଦିଆ ଗୋଟିଏ କ୍ଷୁଦ୍ର ଗ୍ରାମ । ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ ଏହାର ପଦଧୌତ କରେ । ଏହି ଗ୍ରାମର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତୀବ ରମଣୀୟ । ସବୁ ଋତୁରେ ଭାବୁକ, ଦାର୍ଶନିକ, ପଣ୍ଡିତଙ୍କ ମନରେ ନୂତନ ଦିଗଦର୍ଶନ ଦିଏ ବ୍ରାହ୍ମଣୀ । ସାହିତ୍ୟିକ ପଣ୍ଡିତମାନଙ୍କୁ ନୂତନ ସାହିତ୍ୟ ସୃଷ୍ଟି ପାଇଁ ଖୋରାକ ଯୋଗାଏ ଏହାର ରମ୍ୟତଟ । ବ୍ରାହ୍ମଣୀ ତଟର ନିର୍ଜନତା ଭାବୁକର ଭାବନା ପଥରେ ଓ ସାଧକ ର ସାଧନା ପଥରେ ଚିର ସହାୟକ । ଶସ୍ୟକ୍ଷେତ୍ରର ଅପୂର୍ବ ସମ୍ପଦ ଶବୁଜିମା ନଳଦିଆ ଗ୍ରାମର

ପ୍ରାକୃତିକ ଦୃଶ୍ୟକୁ ବହୁଗୁଣିତ କରିଥାଏ । ନଳନ୍ଦିଆ ଗ୍ରାମର ଅଧିବାସୀମାନେ ଧାର୍ମିକ, ଧର୍ମଭାବାପନ୍ନ ସରଳ ଓ ନିଷ୍କପଟ ହୃଦୟୀ । ସନ୍ଧ୍ୟା ଉପଗତ ହେଲେ ଠାକୁର ମନ୍ଦିରରେ ଖୋଳ, ତାଳ ଘଣ୍ଟା-ଘଣ୍ଟିର ଅପୂର୍ବ ମିଳନ ଘଟେ । ରାତିରେ ରାମାୟଣ ପାରାୟଣ ଓ ଭାଗବତ ଚର୍ଚ୍ଚା ଇତ୍ୟାଦି ସମାହିତ ହୁଏ । ଏହିପରି ଭାବରେ ନଳନ୍ଦିଆ ଗ୍ରାମବାସୀମାନେ ଦୈନନ୍ଦିନ ଜୀବନ ସମାହିତ କରନ୍ତି ।

ସବୁ ସମ୍ପ୍ରଦାୟର ଲୋକମାନେ ନଳନ୍ଦିଆ ଗ୍ରାମର ଅଧିବାସୀ । ମୁଖ୍ୟତଃ ଖଣ୍ଡାୟତମାନଙ୍କର ଏହା ସାଧନାର ପୀଠସ୍ଥଳ । ଏହି ଗ୍ରାମର ଖଣ୍ଡାୟତମାନଙ୍କର ପରମ୍ପରା ଖୁବ୍ ଉଚ୍ଚରେ । ଏମାନେ ଯେପରି ବୀର, ଧାର୍ମିକ, ଯୋଦ୍ଧା, ପରୋପକାରୀ ସେହିପରି ଧନାଢ୍ୟ ମଧ୍ୟ । କ୍ଷତ୍ରୀୟ ଧର୍ମରକ୍ଷା ପାଇଁ ଏମାନେ ସର୍ବଦା ଚେଷ୍ଟିତ । ପ୍ରାଚୀନ ଇତିହାସ ପ୍ରତି ଲକ୍ଷ୍ୟକଲେ ଜଣାଯାଏ ଯେ ଏଇ ଗ୍ରାମର ତଥା ଆଖ ପାଖ ଅଞ୍ଚଳର ଅଧିବାସୀମାନେ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଇତ୍ୟାଦି ଦ୍ୱୀପପୁଞ୍ଜକୁ ବୋଇତ ବାହି ଯାଉଥିଲେ ଉତ୍କଳର ସୌଖୀନ ଜିନିଷ ବିକ୍ରୟ ପାଇଁ । ସାହସୀ ବୀର ଭାବରେ ଏଇ ଗ୍ରାମର ଅଧିବାସୀମାନେ ଅଗ୍ରଗଣ୍ୟ । ନଳନ୍ଦିଆ ଏକ କ୍ଷୁଦ୍ରଗ୍ରାମ ହୋଇପାରେ କିନ୍ତୁ ଏହି ସାଧନାର ପୀଠସ୍ଥଳ । ସନ୍ନ୍ୟାସୀ ମହୀନ୍ଦ୍ର ବାବା ଏଇ ଗ୍ରାମରେ ଗୋଟିଏ ଖାନ୍ଦାନ ଖଣ୍ଡାୟତ କୁଳରେ ଜନ୍ମ ଗ୍ରହଣ କରିଥିଲେ । କ୍ଷୁଦ୍ର ନଳନ୍ଦିଆ ଗ୍ରାମ ଥିଲା ତାଙ୍କ ସାଧନାର ପୀଠସ୍ଥଳ । ମହୀନ୍ଦ୍ର ବାବା ବାଲ୍ୟକାଳ ପର୍ଯ୍ୟନ୍ତ ଜନ୍ମଭୂମି ନଳନ୍ଦିଆ ଗ୍ରାମରେ ଅତିବାହିତ କରି ଯାହା କିଛି ଜ୍ଞାନ ଆହରଣ କରିଥିଲେ । ସେଥିରେ ତାଙ୍କ ମନରେ ବହୁତ ପରିବର୍ତ୍ତନ ଆଣିବା ସଙ୍ଗେ ସଙ୍ଗେ ମହିମାଧର୍ମରେ ନୂତନ ସଂସ୍କାର ଆନୟନ ହୋଇ ପାରିଥିଲା ।

# ତୃତୀୟ ଅଧ୍ୟାୟ

( ମହେନ୍ଦ୍ର ବାବାଙ୍କ ପରିବାର ଓ ଜନ୍ମ ବୃତ୍ତାନ୍ତ )

ସନାତନ ପାଣ୍ଡ । ନଳଦଆ ଗ୍ରାମର ଜଣେ ପ୍ରଭାବଶାଳୀ, ସାହସୀ, ଗୁଣବନ୍ତ ନ୍ୟାୟବନ୍ତ, ପରୋପକାରୀ ତଥା ଧାର୍ମିକ ବ୍ୟକ୍ତି । ବୀର ଖଣ୍ଡାୟତ କୁଳର ସେ ଉପଯୁକ୍ତ ଦାୟାଦ । ତାଙ୍କର ବିରାଟ ବ୍ୟକ୍ତିତ୍ୱରେ ଆଖପାଖ ଅଞ୍ଚଳର ଅଧିବାସୀମାନେ ସର୍ବଦା ସନାତନ ପାଣ୍ଡଙ୍କ ପ୍ରତି ଆକୃଷ୍ଟ ଥିଲେ । ସରଳ, ନିରାଡ଼ମ୍ବର, ଅହିଂସା, ଅମାୟିକ ଗୁଣ ଦ୍ୱାରା ଶତ୍ରୁଙ୍କୁ ସେ ମଧ୍ୟ ବଶ କରି ପାରୁଥିଲେ । ବହୁ ସନ୍ତାନର ପିତା ଓ ବହୁ ସମ୍ପତ୍ତିର ମାଲିକ ହୋଇ ମଧ୍ୟ ସେ କେବେହେଲେ ମନରେ ଗର୍ବ କରି ପାରୁ ନଥିଲେ । ଗାଁର ନ୍ୟାୟ ନିଶାପରେ ସନାତନ ପାଣ୍ଡଙ୍କୁ ଅଗ୍ରାଧିକାର ଦିଆଯାଏ । ଅହଂଭାବ, ପରଶ୍ରୀକାତରତା ତାଙ୍କ ମନରେ ଆଦୌ ସ୍ପର୍ଶ କରି ପାରି ନଥିଲା । ଗୀତା ପଠନ, ଧର୍ମଶାସ୍ତ୍ର ଆଲୋଚନା ଥିଲା ସନାତନ ପାଣ୍ଡଙ୍କର ଦୈନନ୍ଦିନ ପରମ କର୍ତ୍ତବ୍ୟ । ସର୍ବଦା ଜଗଦୀଶ୍ୱରଙ୍କ ପାଖରେ ସେ ମନ ନିବେଶ କରି ଚରମ ଆନନ୍ଦ ଲାଭ କରୁଥିଲେ ।

ଉପଯୁକ୍ତ ସ୍ୱାମୀଙ୍କର ଉପଯୁକ୍ତ ପତ୍ନୀ ହିସାବରେ ମଲ୍ଲିକା ଦେବୀଙ୍କର ଚାରିତ୍ରିକ ଗୁଣ ଅତୀବ ମନୋମୁଗ୍ଧକାରୀ । ଧର୍ମପରାୟଣା, ସତୀ, ପତିବ୍ରତା, ସରଳା, ନିଷ୍କପଟ ହୃଦୟା, ପରୋପକାରିଣୀ ସମାଜ ସେବିକା ଇତ୍ୟାଦି ଅତୀବ ମହନୀୟ ଗୁଣରେ ଭୂଷିତା ଥିଲେ ଶ୍ରୀମତୀ ମଲ୍ଲିକା ଦେବୀ । ସତ୍‌ଚିନ୍ତା, ଧର୍ମଚିନ୍ତା, ଧର୍ମଶାସ୍ତ୍ର ଆଲୋଚନା

ଓ ପଠନ ଇତ୍ୟାଦି ଥିଲା ତାଙ୍କର ପରମ କର୍ତ୍ତବ୍ୟ ଓ ପ୍ରତିଦିନର କାର୍ଯ୍ୟ । ସ୍ୱୟଂ ଈଶ୍ୱରଙ୍କ ମହିମା ଉପରେ ତାଙ୍କର ଗଭୀର ବିଶ୍ୱାସ ଥିଲା । ସେଇ ପରଂବ୍ରହ୍ମଙ୍କ ଉପରେ ଭରସା ରଖି ମଲ୍ଲିକା ଦେବୀ ସବୁ କାର୍ଯ୍ୟରେ ଅଗ୍ରସର ହେଉଥିଲେ । ଧ୍ୟାନ, ଯୋଗ, ତପ କରି ଈଶ୍ୱରଙ୍କ ସାନିଧ୍ୟ ଲାଭ କରୁଥିଲେ । ସନାତନ ପାଣି ସ୍ତ୍ରୀ ମଲ୍ଲିକାଙ୍କର ଏତାଦୃଶ୍ୟ ଧର୍ମକର୍ମ ପ୍ରତି ଦୃଷ୍ଟିରଖି ମନରେ ବିଶେଷ ଆନନ୍ଦ ଲାଭ କରୁଥିଲେ । ଗ୍ରାମରେ କୌଣସି ସାଧୁ, ସନ୍ଥ, ଯୋଗୀ, ସାଧକ ଉପସ୍ଥିତ ହେଉଥିଲେ ମଲ୍ଲିକାଦେବୀ ସେମାନଙ୍କର ସାଦର ସତ୍କାର କରୁଥିଲେ । ବହୁଧର୍ମ ଶାସ୍ତ୍ର ଆଲୋଚନା ପରେ ପରିଶେଷରେ ମଲ୍ଲିକା ଦେବୀ ମହିମାଧର୍ମ ଗ୍ରହଣ କରିଥିଲେ । ମଲ୍ଲିକାଦେବୀ ଯେ ଜଣେ ଧର୍ମପ୍ରାଣା, ସତି, ସାଧ୍ୱୀ ଓ ପତିବ୍ରତା ନାରୀ ଥିଲେ ତାହା ନୁହେଁ ଜଣେ ସମାଜ ସେବିକା ହିସାବରେ ତାଙ୍କର ମହତ୍ତ୍ୱ ଖୁବ୍ ଉଚ୍ଚରେ ଥିଲା । ମରୁଡ଼ି, ବାତ୍ୟା, ଅଭାବ ସମୟରେ ନିରନ୍ନ, ଅନାହାରୀ ଲୋକମାନଙ୍କୁ ଅନ୍ନଦାନ ତଥା ଖାଦ୍ୟ ପେୟ ସାହାଯ୍ୟ କରି ଯଶଲାଭ କରି ଯାଇଛନ୍ତି ମଲ୍ଲିକା ଦେବୀ । ତାଙ୍କ ଦ୍ୱାରରେ କୌଣସି ସମୟରେ, ରୋଗୀ, ଭୋକି, ଶୋଷି ଉପଗତ ହେଲେ ସେ କାହାରିକୁ ରିକ୍ତ ହସ୍ତରେ ଫେରାଇ ଦେଉ ନଥିଲେ । ନିରାଶ୍ରୟ ଲୋକମାନଙ୍କୁ ମଧ୍ୟ ଆଶ୍ରୟ ଦେବାଥିଲା ତାଙ୍କ ଜୀବନର ମହତ ଗୁଣ । ସନ୍ନ୍ୟାସୀ ମହାନ୍ଦ୍ରବାବା ମଲ୍ଲିକା ଦେବୀଙ୍କର ଥିଲେ ସର୍ବ କନିଷ୍ଠ ଓ ନବମ ସନ୍ତାନ । ଆଠଗୋଟି ସନ୍ତାନ ସନ୍ତତିଙ୍କର ମା ହୋଇ ମଧ୍ୟ ଗୋଟିଏ ଜିନିଷ ଅଭାବ ଲକ୍ଷ୍ୟ କରୁଥିଲେ—ତାହାହେଲା କାହାଠାରେ ନିଜର ଇପ୍‌ସିତ ଧର୍ମାନୁରାଗ ପ୍ରଦର୍ଶିତ ହୋଇ ପାରି ନଥିଲା । ଶେଷରେ ସେ ଖୋଜିଥିଲେ ଏକ ବଳିଷ୍ଠ ଭୂମିକା ଓ ସୁମହାନ୍ ଚରିତ । ସେଇ ବଳିଷ୍ଠ ଇପସିତ ବାସନାର ଚରିତାର୍ଥ

ପାଇଁ ତାଙ୍କ କୋଳରେ ଆବିର୍ଭାବ ହେଲେ ସନ୍ନ୍ୟାସୀ ମହୀନ୍ଦ୍ର ବାବା ।

× × × × ×

ମଲ୍ଲିକା ଦେବୀ ମହିମାଧର୍ମରେ ଦୀକ୍ଷିତା ହୋଇ ସାରିବା ପରେ ମନରେ ତାଙ୍କର ଇପ୍ସିତ ସନ୍ତାନ ଜନ୍ମର ପ୍ରବଳ ବାସନା ଜାଗ୍ରତ ହେଲା । ଥରେ ରାତ୍ରୀ ପାହାନ୍ତା ସମୟରେ ମଲ୍ଲିକା ଦେବୀ ଶୋଇ ରହି ଚିନ୍ତା କରୁଥିବା ସମୟରେ ଏକ ଉଜ୍ଜ୍ୱଳ ଜ୍ୟୋତି ତାଙ୍କ ଶୋଇବା ଘରେ ପ୍ରବେଶ କଲା । ସେଇ ଜ୍ୟୋତି ପଛେ ପଛେ ପ୍ରବେଶ କଲେ ଜଣେ ସନ୍ନ୍ୟାସୀ—ଗୈରିକ ବସନ ପରିହିତ, ମୁଣ୍ଡରେ ଜଟା, ଦୁଇହାତରେ ଚିମୁଟା ଓ ତାଳ ପତ୍ରର ବରଡ଼ା, ହସ ହସ ମୁହଁ, ଦେବତା ସଦୃଶ ଚେହେରା, ଦାଢ଼ିରେ ସଂପୂର୍ଣ୍ଣ ମୁଖ ମଣ୍ଡଳ ଆଚ୍ଛାଦିତ—ଦେଖ ମା ମଲ୍ଲିକା ! ତୋର ପରମ ଧର୍ମନିଷ୍ଠା ବଳରେ ସ୍ୱୟଂ ଅଲେଖ ମହାପ୍ରଭୁ ପ୍ରୀତ ହୋଇ ତାଙ୍କର ଧର୍ମର ସୁରକ୍ଷା ଓ ସଂସ୍କାର ପାଇଁ ତୋର ଗର୍ଭରେ ଗୋଟିଏ ବାଳକ ଜନ୍ମ ହେବା ପାଇଁ ଆଜ୍ଞା ପ୍ରଦାନ କରିଛନ୍ତି । ସେ ବାଳକଠାରେ ତୋର ମନର ଇପ୍ସିତ ଜିନିଷ ତୁ ଲକ୍ଷ୍ୟ କରି ପାରିବୁ । ତୋର ବଳିଷ୍ଠ ସାଧନାର ସୁମହତ ଗୁଣ ନେଇ ସେ ଜନ୍ମଲାଭ କରିବ । କିନ୍ତୁ ବେଶି ସମୟ ସେ ତୋ ପାଖରେ ରହି ପାରିବ ନାହିଁ । ବାରବର୍ଷ ବୟସରେ ସେହି ବାଳକ ମହିମା ସନ୍ନ୍ୟାସୀଙ୍କ ଗହଣରେ ଗୃହତ୍ୟାଗ କରିବ । ଯାହାଦ୍ୱାରା କି ମହିମା ଧର୍ମର ସଂସ୍କାର ଆନୟନ ହୋଇ ପାରିବ । କିନ୍ତୁ ମା' ତୁ ଏଥିରେ ବିଚଳିତ ନ ହୋଇ ପୁତ୍ରକୁ ସନ୍ନ୍ୟାସୀଙ୍କ ଗହଣରେ ସହାସ୍ୟ ବଦନରେ ବିଦାୟ ଦେଲେ ତୋର ପାଇଁ ମଙ୍ଗଳ ହେବ । ଏଇ କଥାଗୁଡ଼ିକ

କହି ସନ୍ନ୍ୟାସୀ ଜଣଙ୍କ କେଉଁଆଡ଼େ ଉଭାନ ହୋଇଗଲେ । ସେଇ ଦିନଠ ମଲ୍ଲିକା ଦେବୀଙ୍କ ମନରେ ଅଫୁରନ୍ତ ଆନନ୍ଦର ସୀମା ରହିଲା ନାହିଁ । ଏ କଥା ମଲ୍ଲିକା ସ୍ୱାମୀ ଦେବତାଙ୍କ ବ୍ୟତୀତ ଆଉ କାହା ଆଗେ ପ୍ରକାଶ କଲେନାହିଁ । ସନାତନ ପାକ 'ସ୍ତ୍ରୀ'ଙ୍କ ଠାରୁ ଏକଥା ଶୁଣି ଆନନ୍ଦରେ ଅଧୀର ହୋଇ ଉଠିଲେ ଓ କହିଲେ ଧନ୍ୟ। ତୁମେ ମଲ୍ଲିକା । ଧନ୍ୟ ତୁମର ଜନ୍ମ । ତୁମେ ସ୍ୱୟଂ ପ୍ରଭୁଙ୍କୁ ସ୍ୱଚକ୍ଷୁରେ ଦର୍ଶନ ଲାଭକଲ । ମୁଁ ମହାପାପୀ ତୁମେ ମଧ୍ୟ ଗର୍ଭରେ ସାଧୁ ସନ୍ତାନ ଧାରଣ କରିବ । ତୁମଠୁ ବଳି ଧାର୍ମିକା ନାରୀ ଆଉ କିଏ ଅଛି ?

ସର୍ବଦା ମଲ୍ଲିକାଙ୍କ ମନରେ ସ୍ୱପ୍ନର ଦୃଶ୍ୟ ପ୍ରତିବିମ୍ବିତ ହୋଇ ସନ୍ନ୍ୟାସୀ ଜଣଙ୍କ ଆଖିଆଗରେ ନାଚି ଉଠୁଥାଆନ୍ତି । କ୍ରମେ ମନରେ ମଧ୍ୟ ଆନନ୍ଦ ପ୍ରକାଶ ପାଉଥାଏ । ସେଇ ଦିନଠୁ ମଲ୍ଲିକା ଅଲେଖ ପରଂବ୍ରହ୍ମଙ୍କୁ ସ୍ମରଣପୂର୍ବକ ସ୍ୱକର୍ତ୍ତବ୍ୟରେ ଲାଗି ପଡ଼ୁଥାଆନ୍ତି । ସେଇ ସ୍ୱାମୀ ସ୍ତ୍ରୀଙ୍କ ବ୍ୟତୀତ ଏକଥା ଆଉ କେହି ଜାଣି ପାରି ନଥିଲେ । ମଲ୍ଲିକା ଦେବୀ ଗର୍ଭବତୀ ହେଲେ । ମନରେ ତାଙ୍କର ଅଫୁରନ୍ତ ଆନନ୍ଦ ଚେଇଁ ଉଠିଲା । ସେ ତାଙ୍କର ଈପ୍‌ସିତ ସନ୍ତାନ ଆଶାରେ ଅପେକ୍ଷା କରି ରହିଲେ । ଏଇ ଈପ୍‌ସିତ ସନ୍ତାନ ଥିଲେ ମହିମା ଧର୍ମର ସଂସ୍କାରବାଦୀ ସନ୍ନ୍ୟାସୀ ମହେନ୍ଦ୍ର ବାବା ।

———

# ଚତୁର୍ଥ ଅଧ୍ୟାୟ

( ମହୀନ୍ଦ୍ର ବାବାଙ୍କ ବାଲ୍ୟ ଜୀବନ, ସନ୍ନ୍ୟାସ ବ୍ରତ ଗ୍ରହଣ ଓ ଗୃହତ୍ୟାଗ )

୧୩୩୧ ସାଲ (୧୯୨୪ ମସିହା) ଫଗୁମାସ ପଞ୍ଚବିଂଶ ଦିବସ ଶୁକ୍ଳତୃତୀୟା । ନଳଦିଆ ଗ୍ରାମରେ ସନାତନ ପାତ୍ରଙ୍କ କୁଳ ମଣ୍ଡନ କରି ଜନ୍ମ ଲାଭକଲେ ତାଙ୍କର ଇପ୍‌ସିତ ସନ୍ତାନ । ସନାତନ ପାତ୍ରଙ୍କର ଏଇ ସନ୍ତାନ ଜନ୍ମହେବା ମାତ୍ରେ ଗୃହରେ ଓ ଗ୍ରାମରେ ନାନାବିଧ ମଙ୍ଗଳ ସୂଚନା ଦେଖାଦେଲା । ଏଇଦିନ ଯେତେବେଳେ ମଲ୍ଲିକା ଦେବୀଙ୍କର ସନ୍ତାନ ଜାତ ହେଲା ସେତେବେଳେ ମଲ୍ଲିକା ପୁଣି ଗୋଟିଏ ଅପୂର୍ବ ଆଶୀର୍ବାଦ ସୂଚକ ଜ୍ୟୋତି ଦେଖିବାକୁ ପାଇଥିଲେ ।

ହିନ୍ଦୁଘରେ ପିଲା ଜନ୍ମହେଲେ ଯାହା କରଣୀୟ ତାହା କରାଗଲା । ଜ୍ୟୋତିଷମାନେ ପିଲାର କୋଷ୍ଠୀ ଓ ଜାତକ ତିଆରି କଲେ । ଉକ୍ତକୋଷ୍ଠୀ, ସନ୍ନ୍ୟାସୀ ହେବାର ସମସ୍ତ ଲକ୍ଷଣ ଜଣାପଡୁଥାଏ । ଏକୋଇଶିଆ ଦିନ ପିଲାର ନାଁ ରଖାଗଲା ମୁରଲୀଧର । ମହିମା ଧର୍ମ ବିଧି ଅନୁସାରେ ବାଲ୍ୟଲୀଳା ହେଲା । ଗରିବ ଲୋକମାନଙ୍କୁ ପଂକ୍ତି ଭୋଜନ ଦିଆଗଲା । କୁଟୁମ୍ବ ଗ୍ରାମବାସୀମାନେ ଆନନ୍ଦରେ ଏକୋଇଶିଆ ଭୋଜି ଖାଇ ପିଲାଟିକୁ ଅଶେଷ ଆଶୀର୍ବାଦ କରି ଦୀର୍ଘ ଜୀବନ କାମନା କଲେ । କ୍ରମେ ମୁରଲୀଧର ଶଶୀକଳା ପରି ବଢ଼ିବାକୁ ଲାଗିଲେ । ମଲ୍ଲିକା ଦେବୀ ନିଜର ଆଚାର ଓ ବ୍ୟବହାର ଦ୍ୱାରା କୋମଳମତି ଶିଶୁଟିର ମନକୁ ଗଢ଼ି ତୋଳିଲେ ।

ପାଞ୍ଚବର୍ଷ ଭିତରେ ମୁରଲୀଧରଙ୍କଠାରେ ବହୁବିଧ ଧର୍ମଭାବ ଉଦ୍ରେଗ ହେଉଥାଏ । ମଲ୍ଲିକା ଦେବୀ ଯେତେବେଳେ ଠାକୁର ପୂଜା କରୁଥାଆନ୍ତି ଓ ଜଣାଣ, ଭଜନ, ଗାୟନ କରି ସାୟଂ ଓ ପ୍ରଭାତ କାଳରେ ପ୍ରଭୁଙ୍କ ଦର୍ଶନ ଲଭ କରୁଥିଲେ, ମୁରଲୀ ଠିକ୍ ସେହିଭଳି କରୁଥିଲେ । ମା ଯେତେବେଳେ ଧ୍ୟାନମଗ୍ନ ହୁଅନ୍ତି—ମୁରଲୀ ସେହିପରି ଆଖିବୁଜି ମଧ୍ୟ ଧ୍ୟାନମଗ୍ନ ହୁଅନ୍ତି । ମୁରଲୀଧରଙ୍କୁ ମଲ୍ଲିକା ଦେବୀ କେବେହେଲେ ପାଖଛଡ଼ା କରୁନଥିଲେ, କାରଣ ସେ ଜାଣି ଥିଲେ ଯେ ଅଳ୍ପଦିନ ପରେ ତାଙ୍କର ପୁଅ ସନ୍ନ୍ୟାସୀ ହୋଇ ଚାଲିଯିବ । ମା'ର ତ ହୃଦୟ । କେମିତି ବା ସମ୍ଭାଳି ରହିପାରିବେ ।

ପାଞ୍ଚବର୍ଷ ବୟସରେ ଗ୍ରାମ୍ୟ ପ୍ରାଥମିକ ବିଦ୍ୟାଳୟରେ ମୁରଲୀଙ୍କର ଅଧ୍ୟୟନ କାର୍ଯ୍ୟ ଆରମ୍ଭ ହେଲା । ମୁରଲୀ ସ୍କୁଲକୁ ଯିବା ପାଇଁ ଭାରି ଭଲ ପାଆନ୍ତି । ସାଙ୍ଗ ସାଥୀ କାହା ସାଙ୍ଗରେ କଳିଗୋଳ କରିବାକୁ ସେ ଭଲ ପାଉ ନଥିଲେ । ଗୁରୁଦେବଙ୍କୁ ଦର୍ଶନ ମାତ୍ରେ ଲମ୍ବହୋଇ ଗୋଡ଼ତଳେ ପଡ଼ି ମୁଣ୍ଡିଆ ମାରନ୍ତି । ଶ୍ରେଣୀରେ ଗୁରୁଜୀ ପାଠ ଦାନ କଲା ସମୟରେ ଧୀରସ୍ଥିର ହୋଇ ଶୁଣନ୍ତି । ସାଥୀ ପିଲାମାନେ ଚଢ଼େଇ ଧରିବା, ମାଛମାରିବା, ପକ୍ଷୀମାନଙ୍କୁ ଆଘାତ ଦେଉଥିବାର ଦେଖିଲେ ସେମାନଙ୍କୁ ଏଥିରୁ ବିରତ ହେବାପାଇଁ ମୁରଲୀଧର ପ୍ରବର୍ତ୍ତାଉ ଥିଲେ । ନାମ, କୀର୍ତ୍ତନ ଗ୍ରାମରେ ଅନୁଷ୍ଠିତ ହେଲେ ମୁରଲୀଧର ପିଲାଟିଏ ହୋଇ ମଧ୍ୟ ସବୁଥିରେ ଆଗୁଆ ହେଉଥିଲେ । ଏଣୁ ଗ୍ରାମରେ ମୁରଲୀଧର ସମସ୍ତଙ୍କର ଶ୍ରଦ୍ଧାଭାଜନ ଥିଲେ । ଗୁରୁଜନ, ପିତା, ମାତା, ଶିକ୍ଷକ ସମସ୍ତଙ୍କୁ ମୁରଲୀ ଗଭୀର ଭକ୍ତି କରୁଥିଲେ । ପ୍ରାଥମିକ ଶିକ୍ଷା ସମାପନ ପରେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଲେ ମୁରଲୀଧର—କ୍ରମଶଃ ମୁରଲୀଧରଙ୍କର ସଂସାର ଓ

ପରିବାର ପ୍ରତି ବହୁଷ୍ଟାଭାବ ଦେଖାଦେଲା । ମାତା ମଲ୍ଲିକା ଦେବୀ ପୁତ୍ରର ଏତାଦୃଶ ଗୁଣମାନ ଲକ୍ଷ୍ୟ କରୁ ଥାଆନ୍ତି ଓ ନିଜେ ସାଇତି ରଖିଥିବା ଧର୍ମଶାସ୍ତ୍ର ପୁଅକୁ ଦେଇ ତାର ମନକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଥାଆନ୍ତି । ମୁରଲୀ ଯେ କୌଣସି ଧର୍ମପୁସ୍ତକ ଯଥା, ଭଜନ, ଜଣାଣ, ପୁସ୍ତକ ପାଉଥିଲେ ତାକୁ ଆମୂଳ ଚୂଳ ପାଠକରି ଅପାର ଆନନ୍ଦଲାଭ କରୁଥିଲେ । ସମସ୍ତ ପୁସ୍ତକ ମଧ୍ୟରେ ଦାଢ଼୍ୟାତା ଭକ୍ତି ଥିଲା ତାଙ୍କର ପ୍ରିୟ ଗ୍ରନ୍ଥ । ଆଠ ନଅ ବର୍ଷ ବୟସରେ ମୁରଲୀଧରଙ୍କଠାରେ ଗୋଟିଏ ନୂତନ ଆଦର୍ଶ ଦେଖା ଦେଉଥିଲା—ତାହାହେଲା ଅଧିକାଂଶ ସମୟରେ ସେ ଏକାକୀ ବସି ଧ୍ୟାନ କରନ୍ତି । ମା'ଙ୍କ ଭଳି ସନ୍ଧ୍ୟା ସକାଳେ ଦର୍ଶନ କରନ୍ତି । ରାତ୍ରି ଭୋଜନ କରନ୍ତି ନାହିଁ । ଗ୍ରାମରେ ସାଧୁ ସନ୍ନ୍ୟାସୀ ଉପଗତ ହେଲେ ଯଥାପୂର୍ବକ ତାଙ୍କର ସତ୍କାର କରୁଥିଲେ ମୁରଲୀଧର । କ୍ରମେ ତାଙ୍କର ବାକ୍‌ଶକ୍ତି ବୃଦ୍ଧି ପାଇଲା । ପାଞ୍ଚସାତ ଜଣଙ୍କୁ ଧର୍ମ ଉପରେ ଦୁ'ପଦ କହିପାରୁଥିଲେ । ପୁଅଠାରେ ଏ ସବୁ ଗୁଣ ଦେଖି ମଲ୍ଲିକା ଦେବୀ ଅତ୍ୟନ୍ତ ପ୍ରୀତ ହେଉଥିଲେ ।

ମା'ଙ୍କର ଗୁରୁ ମହିମା ସନ୍ନାସୀ ଶ୍ରୀମନ୍ତ ବାମନ ବାବା ଏକଦା ସେହି ଗ୍ରାମରେ ଉପଗତ ହୋଇଥିଲେ । ମା ଯେତେବେଳେ ଗୁରୁଙ୍କର ଉପଦେଶ ଲାଭରେ ବ୍ୟସ୍ତ ଥାଆନ୍ତି । ମୁରଲୀଧର ଏପରି ସନ୍ନ୍ୟାସୀଙ୍କ ସମ୍ବନ୍ଧରେ ମା'ଙ୍କୁ ପ୍ରଶ୍ନ ପଚାରିଲେ, ଏ କି ସନ୍ନ୍ୟାସୀ ? ନିର୍ଭୟରେ ବାମନ ବାବାଙ୍କ ପାଖରେ ପ୍ରବେଶ କରି ତାଙ୍କଠାରୁ ହିତୋପଦେଶ ଜିଜ୍ଞାସା କରିଥିଲେ । ମହିମାଧର୍ମର ମୂଳତତ୍ତ୍ୱ କ'ଣ ? କେଉଁ ଠାକୁରଙ୍କୁ ମହିମାଧର୍ମାବଲମ୍ବୀମାନେ ପୂଜା କରନ୍ତି ? ଇତ୍ୟାଦି ଅନେକ ପ୍ରଶ୍ନ ତାଙ୍କୁ ପଚାରିଥିଲେ । ବାମନ ବାବା

ମୂରଲୀଙ୍କୁ କହିଲେ ଆରେ ବାବା ! କୌଣସି ଠାକୁରଙ୍କୁ ମହିମା ଧର୍ମରେ ପୂଜା କରାଯାଏ ନାହିଁ । ନିରାକାର ପରଂବ୍ରହ୍ମଙ୍କୁ ଆମ୍ଭେମାନେ କେବଳ ଉପାସନା କରୁ ଓ ପ୍ରତିମା ପୂଜାକୁ ମଧ୍ୟ ବିରୋଧ କରୁ । ପଥର ବା ମାଟି କାଠର ପ୍ରତିମା ପୂଜାରେ କୌଣସି ମୂଲ୍ୟ ନାହିଁ । ଭଗବାନ ସଚରାଚର ବ୍ରହ୍ମାଣ୍ଡକୁ ଆବୋରି ବସିଛନ୍ତି । ସେ ହେଉଛନ୍ତି ଶୂନ୍ୟଦେହୀ । ସେହି ଶୂନ୍ୟ-ଦେହୀଙ୍କର ଉପାସନା ହିଁ ଆମର ଏକମାତ୍ର ବାସନା । ତାପରେ ଘରେ ଆସି ମାଙ୍କଠାରୁ ମୂରଲୀଧର ବାମନ ବାବା ଙ୍କ ସମ୍ପର୍କରେ ବହୁତ କିଛି ଜାଣିବାକୁ ଚାହିଁଲେ । ସମସ୍ତ ବିଷୟ ଜାଣିସାରିବା ପରେ ମହିମାଧର୍ମ ପ୍ରତି ତାଙ୍କର ଦୃଢ଼ ବିଶ୍ୱାସ ଜାଗ୍ରତ ହେଲା । ଯେତେବେଳେ ଏଇ ପ୍ରଥମ ଥର ମୂରଲୀ ବାମନ ବାବାଙ୍କୁ ଭେଟିଥିଲେ ସେତେବେଳକୁ ତାଙ୍କର ବୟସ ମାତ୍ର ୧୧ବର୍ଷ ହୋଇଥାଏ । ବାମନ ବାବା ଦେଶଭ୍ରମଣ ପାଇଁ ଅନ୍ୟସ୍ଥାନକୁ ଚାଲିଗଲେ । ମୂରଲୀଙ୍କ ମନରେ କିନ୍ତୁ ପ୍ରଶ୍ନ ଜାଗ୍ରତ ହେଲା ଶୂନ୍ୟବ୍ରହ୍ମ କିଏ ? ଏହାଙ୍କର ଉପାସନା କିପରି କରିବାକୁ ହେବ ? ପ୍ରତିମା ପୂଜାକୁ ସେ ଗାଁରେ ଦୃଢ଼ ବିରୋଧ କରି ଦୁର୍ଗାପୂଜା ଓ ଗଣେଶପୂଜା ଇତ୍ୟାଦି ଉତ୍ସବରେ ଆଦୌ ଯୋଗଦାନ କରି ନଥିଲେ । କେବଳ ତାଙ୍କ ମନରେ ଜାଗ୍ରତ ହେଉଥାଏ ଏକ ଅଲେଖ ପରଂବ୍ରହ୍ମ କିଏ ? ଶୂନ୍ୟ ବ୍ରହ୍ମ କ'ଣ ? ଏକାକ୍ଷର କ'ଣ ? ଇତ୍ୟାଦି । ବହୁ ସମୟ ଚିନ୍ତାମଗ୍ନ ରହୁଥାଆନ୍ତି । ସର୍ବଦା "ଅଲେଖ ସଚ୍ଚିଦାନନ୍ଦ ନମଃ" ବୋଲି ଜପକରୁ ଥାଆନ୍ତି । ପରିଶେଷରେ ମନେ ମନେ ସ୍ଥିର କଲେ ଯେ ପୁନର୍ବାର ସେହି ମହିମା ଧର୍ମ ସନ୍ନ୍ୟାସୀ ଗ୍ରାମରେ ଉପସ୍ଥିତ ହେଲେ ତାଙ୍କ ସାଙ୍ଗରେ ପଳାଇ ଯିବେ ଓ ଅଲେଖ ଧର୍ମ ବିଷୟରେ ପ୍ରବଳ ଜ୍ଞାନାର୍ଜନ କରିବେ । ଠିକ୍ ଏକ ବର୍ଷ ପରେ ପୁଣି ବାମନ ବାବା ନନ୍ଦଆ ଗ୍ରାମରେ ବିରାଜମାନ

କଲେ । ମୁରଲୀଧର ଆପେ ତାଙ୍କ ପାଖରେ ପହଞ୍ଚି ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ । ଏଥିରେ ମଧ୍ୟ ମଲ୍ଲିକା ସମ୍ମତି ପ୍ରଦାନ କରିଥିଲେ । ପରେ ମୁରଲୀଧର ସେହି ସନ୍ନ୍ୟାସୀଙ୍କ ସଙ୍ଗେ ଗୃହତ୍ୟାଗ କରିବା ପାଇଁ ମା'ଙ୍କ ପାଖରେ ଅଳିକଲେ । "ବୋଉ ମୁଁ ବାବାଜୀ ହୋଇଯିବି ତୁ ଜମା କାନ୍ଦିବୁ ନାହିଁ···"ମଲ୍ଲିକା ଦେବୀ ହସ ହସ ବଦନରେ ମୁରଲୀଧରଙ୍କୁ ବାମନ ବାବାଙ୍କ ସଙ୍ଗରେ ବିଦାୟ ଦେଲେ । ମୁରଲି ଗ୍ରାମ ତ୍ୟାଗକରି ବାମନ ବାବାଙ୍କ ସଙ୍ଗରେ ସନ୍ନ୍ୟାସ ବ୍ରତ ଗ୍ରହଣ କରି ଚାଲିଗଲେ । ବାମନ ବାବା ମୁରଲିଧର-ଙ୍କର ମହିମାଧର୍ମ ପ୍ରତି ଆକୃଷ୍ଟ ହେବାର ଦେଖି ପିଲାଟିକୁ ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ କରାଇଲେ ଓ ମୁରଲୀଧର ପରିବର୍ତ୍ତେ "ମହୀନ୍ଦ୍ର" ବୋଲି ପିଲାଟିର ନାମକରଣ କଲେ । ଦୀର୍ଘ ଏକ ବର୍ଷର ସନ୍ନ୍ୟାସ ଜୀବନ ଯାପନ ମଧ୍ୟରେ ମହୀନ୍ଦ୍ର ଦାସଙ୍କଠାରେ ନାନା ବିଧ ସନ୍ନ୍ୟାସ ଲକ୍ଷଣ ପ୍ରତିବିମ୍ବିତ ହେଲା । ମହୀନ୍ଦ୍ରଦାସ ବାମନ ବାବାଙ୍କ ସାଙ୍ଗ ସ୍ୱଗୃହରେ ପ୍ରବେଶ କରି ନଳନ୍ଦଆ ଗ୍ରାମରୁ ଚିରବିଦାୟ ନେଇ—ଭିକ୍ଷା ଗ୍ରହଣ * କରିଥିଲେ । ବାମନ ବାବା ଶିଷ୍ୟଠାରେ ଅପାର ଜ୍ଞାନ ଆଭାଷ ପାଇ ଅତ୍ୟନ୍ତ ଆନନ୍ଦିତ ହେଉଥିଲେ । ମହୀନ୍ଦ୍ର ଦାସ ମଧ୍ୟ ନିଜେ ନିଜେ ଭଜନ ବାନ୍ଧି ବୋଲୁଥିଲେ । କ୍ରମେ ମହୀନ୍ଦ୍ର ଦାସଙ୍କର ଜ୍ଞାନର ବିକାଶ ହେବା ସଙ୍ଗେ ସଙ୍ଗେ ସେ ବୁଝୁଁଥିଲେ ଶୀଘ୍ର କପରି ମହିମାଧର୍ମ ସମ୍ପର୍କରେ ବିଶେଷ ଜ୍ଞାନ ଉପଲବ୍ଧି କରିପାରିବେ । ମହୀନ୍ଦ୍ର ଦାସଙ୍କର ଏପରି ଭାବ ଲକ୍ଷ୍ୟକରି ବାମନ ବାବା, ତାଙ୍କୁ ସଂସ୍କୃତ ଟୋଲରେ

* ଭିକ୍ଷାଗ୍ରହଣ—ସାନ୍ନ୍ୟାସୀ ହେଲାପରେ ସ୍ୱଗୃହରୁ ବିଦାୟ ପ୍ରଣାଳୀକୁ ଭିକ୍ଷାଗ୍ରହଣ କୁହାଯାଏ ।

ପଢ଼ିବା ପାଇଁ ଗୁଣ୍ଡଦେଲେ । ସଂସ୍କୃତ ଟୋଲରେ ମହୀନ୍ଦ୍ରବାବା ମଧ୍ୟମା ପର୍ଯ୍ୟନ୍ତ ପଢ଼ିଥିଲେ । ମଧ୍ୟମା ପାସକରି ସାରିବା ପରେ ବାମନବାବା ମହୀନ୍ଦ୍ର ଦାସଙ୍କୁ ଗୁରୁଗାଦିରେ କଚ୍ଛୁଦାନ ଅବସ୍ଥାପିତ କରାଇଲେ । କ୍ରମେ ମହୀନ୍ଦ୍ର ଦାସ ଡୋର କୌପୀନ ପ୍ରାପ୍ତ ହୋଇ-ଥିଲେ । ମହୀନ୍ଦ୍ର ଦାସଙ୍କର ଜ୍ଞାନ ଓ ଧର୍ମଆଲୋଚନାରେ ବହୁତ ସାଧୁ ଖୁସି ହେଉଥିଲେ । ଶିଷ୍ୟର ଏତାଦୃଶ ଗୁଣମାନ ଲକ୍ଷ୍ୟକରି ବାମନବାବା ବିଶେଷ ପ୍ରୀତ ହେଉଥିଲେ । କାଳକ୍ରମେ ତାଙ୍କର ଜ୍ଞାନ ବଢ଼ିବାକୁ ଲାଗିଲା ।

---

# ପଞ୍ଚମ ଅଧ୍ୟାୟ

( ମହାନ୍ଦ୍ରବାବାଙ୍କ ସନ୍ନ୍ୟାସ ଜୀବନ )

ସନ୍ନ୍ୟାସୀ ଜୀବନର ପ୍ରଥମରୁ ମହାନ୍ଦ୍ର ଦାସଙ୍କଠାରେ ନଗୂଢ଼ ଜ୍ଞାନର ଉଦୟ ହୋଇଥିଲା । ବାମନ ବାବା ମହାନ୍ଦ୍ର ଦାସଙ୍କ ଜ୍ଞାନ, ଗୁଣ, ଗାରିମାରେ ଅଭିଭୂତ ହୋଇ ସର୍ବୋପରି ମହାନ୍ଦ୍ର ଦାସଙ୍କୁ ଅତ୍ୟଧିକ ସ୍ନେହ ଶ୍ରଦ୍ଧା ଓ ଆଦର କରୁଥିଲେ । ମହାନ୍ଦ୍ର ଦାସ ସଂସ୍କୃତରେ ବେଦ ଉପନିଷଦ ତଥା ପୁରାଣମାନ ପାଠକରି ପ୍ରବଳ ଜ୍ଞାନ ଆହରଣ କରି ସନ୍ନ୍ୟାସ ଜୀବନ ମଧ୍ୟରେ ବହୁବିଧ ଗୁଣର ଅଧିକାରୀ ହୋଇଥିଲେ । ୧୯୪୮ ମସିହାରେ ମହାନ୍ଦ୍ର ଭଜନମାଳା ନାମକ ଖଣ୍ଡିଏ ଭଜନ ପୁସ୍ତକ ନିଜେ ରଚନା କରି ଭିକ୍ଷାଦ୍ୱାରା ଯତ୍‌କିଞ୍ଚିତ ଅର୍ଥପ୍ରାପ୍ତ ହୋଇ ଛପାଇ ଭକ୍ତଜନମାନଙ୍କୁ ବିତରଣ କରିଥିଲେ । ଉକ୍ତ ଭଜନମାଳା ପୁସ୍ତକରେ ଏକାକ୍ଷର ପରଂବ୍ରହ୍ମ ତଥା ନିରାକାର ଶୂନ୍ୟବ୍ରହ୍ମଙ୍କ ଉପରେ ଆଧାରିତ ବହୁ ଭଜନ ସନ୍ନିବେଶିତ ହୋଇଛି । ଏହିପରି ଏକ ଭଜନମାଳା ପୁସ୍ତକ ମହାନ୍ଦ୍ର ବାବାଙ୍କ ଦ୍ୱାରା ରଚିତ ହୋଇ ପ୍ରକାଶ ପାଇବ ବୋଲି କାହାରି ବିଶ୍ୱାସ ନଥିଲା । କ୍ରମଶଃ ମହାନ୍ଦ୍ର ବାବାଙ୍କର ଜ୍ଞାନର ପରିସୀମା ବୃଦ୍ଧି ହେବାକୁ ଲାଗିଲା । ମହାନ୍ଦ୍ର ଭଜନମାଳା ପରେ ରାଶି ରାଶି ପୁସ୍ତକ ରଚନା କରି ବାବା ମହୋଦୟ ଗଦାଇ ଦେଲେ । କମ୍ ବୟସର ବାଳକ ସନ୍ନ୍ୟାସୀ ଏଭଳି ପୁସ୍ତକ ରଚନା କରି ମହିମା ଧର୍ମ ସମାଜରେ ପ୍ରସିଦ୍ଧି ଲାଭ କରିବେ ? ଏ କଥା ସେତେବେଳର କେତେକଙ୍କୁ ଭଲ ଲାଗିଲାନାହିଁ । ଏହି ବ୍ୟକ୍ତିମାନେ ମୁହାମୁହିଁ ତାଙ୍କ

ସହିତ ମୁକାବିଲା କରିବାକୁ ତିଆରି ହୋଇଗଲେ ଯାହାଫଳରେ କି ମହୀନ୍ଦ୍ର ବାବାଙ୍କୁ ବହୁତ ଆନନ୍ଦ ଲାଗିଲା ଓ ଆହୁରି ବହୁତ ପୁସ୍ତକ ରଚନା କରିବା ପାଇଁ ଆଗ୍ରହାନ୍ୱିତ ହେଲେ । ଭକ୍ତିମାଳା, ଆରତି ଭଜନ, ମହିମାମାଳିକା, ବାଲଖିଲିକା ସମସ୍ତ ପୁସ୍ତକ ତାଙ୍କର ସେତେବେଳର ରଚନା । କିପରି ଭାବରେ ମହୀନ୍ଦ୍ର ଦାସଙ୍କୁ ପୁସ୍ତକ ରଚନାରୁ ବିରତ କରାଯାଇ, ନିନ୍ଦିତ ଓ ଅପମାନିତ କରାଯାଇ ପାରିବ ତାର ବନ୍ଦୋବସ୍ତରେ ଏହି ଗୋଷ୍ଠୀ ଆପ୍ରାଣ ଉଦ୍ୟମ ଚଳାଇଲେ । ବହୁ ଆଦର୍ଶ ମହିମା ସନ୍ନ୍ୟାସୀମାନେ ଏଥିପାଇଁ ଦୁଃଖିତ ଓ ମର୍ମାହତ ହେଲେ । ସେମାନେ କହିଲେ ଯେ "ଜ୍ଞାନୀର ଜ୍ଞାନ ବିକରଣ ହେବା କ'ଣ ଅନ୍ୟାୟ ? ଅନ୍ୟର ପୁସ୍ତକକୁ ନିଜେ ପ୍ରଣେତା ବୋଲି ଲେଖି ଯେଉଁମାନେ ବାହାସ୍ଫୋଟ ମାରୁଛନ୍ତି ସେମାନଙ୍କ ସ୍ଥାନ ଆଜି ଉଚ୍ଚରେ ଓ ନିଜର ଜ୍ଞାନ ଓ ବିବେକକୁ ଯେଉଁମାନେ ଉଚିତ ପଥରେ ପରିଚାଳିତ କରି ପୁସ୍ତକ ରଚନା କରୁଛନ୍ତି ସେମାନେ କ'ଣ ନିମ୍ନରେ ରହିବେ ? ଜ୍ଞାନ କାହାର ବଶବର୍ତ୍ତୀ ନୁହେଁ । ଯେତେବେଳେ ହେଲେ ମଧ୍ୟ ଜ୍ଞାନୀର ଜ୍ଞାନ ପ୍ରକାଶ ହେବ ।" ମହୀନ୍ଦ୍ର ବାବା କୌପୀନଧାରୀ ଓ ବଲ୍କଳ ଧାରୀ ସନ୍ନ୍ୟାସୀମାନଙ୍କ ମଧ୍ୟରେ ଥିବା ମତଭେଦ ଯୋଗୁ ସର୍ବଦା ଦୁଃଖିତ ଥିଲେ ଓ ବାମନ ବାବାଙ୍କୁ ଏହାର ସମାଧାନ ପାଇଁ ବାରମ୍ବାର କହି ଶେଷରେ ବାମନ ବାବାଙ୍କ ସଙ୍ଗରେ ମତ ଭେଦ ହୋଇ ସେ ମହିମାଗାଦି ଛାଡ଼ିବାକୁ ମନେ ମନେ ସ୍ଥିର କରିଥିଲେ ।

ମହୀନ୍ଦ୍ର ବାବାଙ୍କର ସମସ୍ତ ରଚନା ଥିଲା ନିଜସ୍ୱ, ଆଦର୍ଶଗତ ସ୍ୱକୀୟ, ଆଧୁନିକ । ସମସ୍ତଙ୍କର ବୋଧଗମ୍ୟ ହେଲାଭଳି ତଥା ରୁଚି ସମ୍ପନ୍ନ । ବାବା ମହୋଦୟ କୌଣସି ସ୍ୱର୍ଗତ ଲେଖକଙ୍କର ରଚନାକୁ ନିଜ ନାମରେ ଛାପି ନାହାଁନ୍ତି । ତାଙ୍କର ଲେଖାଗୁଡ଼ିକ

ଯଥେଷ୍ଟ ରୁଚି ସମ୍ପନ୍ନ ଥିଲା । ଏଣୁ ସେ ଅନ୍ୟର ଲେଖାକୁ କପି କରିବାକୁ ଆଦୌ ପସନ୍ଦ କରୁନଥିଲେ । ଏତ୍କି କମ୍ ବର୍ଷର ବାଳକ ସନ୍ନ୍ୟାସୀ ଏପରି ଲେଖା ଲେଖିବା ଦ୍ୱାରା ମହିମାଧର୍ମ ସମାଜରେ ନିଜେ ସୃଷ୍ଟିକରି ପୁରାଇଥିବା ଅନେକ ଜିନିଷ ଧରାପଡ଼ିଯିବା ଭୟରେ କେତେକ ବ୍ୟକ୍ତି ବିଶେଷ ମହାନନ୍ଦ ବାବାଙ୍କୁ ଡାକରା ଦେଲେ । ହେ ! ମହାନନ୍ଦ ଦାସ ତୁମେ ମହିମାଧର୍ମ ସମାଜରେ ଅନ୍ୟାୟ କରୁଛ । "ଯେଉଁ ଧର୍ମରେ ଓଁ କାର ଉପାସନା ନାହିଁ ତୁମେ କାହିଁକି ଓଁ କାରକୁ ମହିମା ଧର୍ମରେ ସଂଯୋଗ କରୁଛ । ଏଣୁ ତୁମେ ମହିମା ଧର୍ମ ସମାଜରୁ ବାଛନ୍ଦ ହେବ । କିନ୍ତୁ ମହାନନ୍ଦ ବାବା ଏ ସବୁ କଥାରେ ବିଚଳିତ ନ ହୋଇ ଲେଖା ଲେଖିରେ ମନୋନିବେଶ କରୁଥାଆନ୍ତି । କିପରି ଭାବରେ ଉକ୍ତ ଧର୍ମ ସୁଦୂର ପ୍ରସାରି ହୋଇ ଧାର୍ମିକ ମାନବ ମନରେ ଏକ ବ୍ରହ୍ମ ଉପାସନା ପ୍ରବେଶ କରିବ ସେଥିପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । କ୍ରମେ ବହୁ ପୁସ୍ତକ ତାଙ୍କ ଦ୍ୱାରା ରଚିତ ହୋଇ ପ୍ରକାଶିତ ହେଲା । ଓଁ କାରକୁ ସେ କାହିଁକି ମହିମା ଧର୍ମରେ ସଂଯୋଗ କରୁଛନ୍ତି ଏହା କେବଳ ଥିଲା ତାଙ୍କ ବିରୋଧିମାନଙ୍କର ଉପରଠାଉରିଆ ବିରୋଧ । କିନ୍ତୁ ବାସ୍ତବରେ ମହାନନ୍ଦ ବାବାଙ୍କର ଜ୍ଞାନର ସେମାନେ ବିରୋଧ କରୁଥିଲେ । ଖୋଲାଖୋଲିଭାବେ ତାଙ୍କୁ ଜଣାଇ ଦିଆଗଲା ଯେ ଓଁ କାର ଉପାସନା ତୁମକୁ କରିବାକୁ ଦିଆଯିବ ନାହିଁ । ବାବା ଏଥିରେ ବିଚଳିତ ନ ହୋଇ ନମ୍ର କଣ୍ଠରେ କହିଥିଲେ "ଓଁ କାର ଯୋଗୁ ମୋତେ ବହୁ ବାଧାବିଘ୍ନ ସହ୍ୟ କରିବାକୁ ପଡ଼ୁଛି । ହେଲେ ଭୀମଭୋଇ ଯେ କି ମହିମା ଧର୍ମର ଆଦ୍ୟ କବି ସେ ତ ଲେଖି ଯାଇଛନ୍ତି ।

"ଓଁ କାର ପରମ ପାଦୁ ପିଅ ମକରନ୍ଦ ମଧୁ"

× × × ×

ଓଁ କାର ନ ଭଜବା ଲୋକ ଅନ୍ଧ ପରାଏ ହେବ ମୂର୍ଖ

× × × ×

ବନ୍ଦର ଓଁ କାର ଶବ୍ଦ ବ୍ରହ୍ମ ଶୂନ୍ୟ ଭୁ ମୁକ୍ତଭେଦ ।

ସାଧୁଗୀତରେ ବଶିଷ୍ଟ ବଲ୍‌କଳ ଧାରୀ ସନ୍ନ୍ୟାସୀ ବିଶ୍ୱନାଥ ବାବା ଲେଖିଛନ୍ତ :—

"ଓଁ କାର ପରମ ପାଦ ଓଜସ୍ୱୀ ହୋଇ ରହିଛୁ ନିଃଶଙ୍କ ।"

ଏ ସମସ୍ତ ବାଣୀ ମହିମାଧର୍ମ ସମାଜଦ୍ୱାରା ପ୍ରଚ୍ଛରତ ନହେଉ, ଓ ଏହା ମହିମାଧର୍ମରୁ ଉଠାଇ ଦିଆଯାଉ ଏବଂ ଏ ସମସ୍ତ ପୁସ୍ତକ ମହିମା ଧର୍ମ ସମାଜରୁ ବାଜ୍ୟାପ୍ତି କରାଯାଉ, ତେବେ ଯାଇଁ ମୁଁ ଓଁ କାରକୁ କୌଣସି ରଚନାରେ ସ୍ଥାନ ଦେବ ନାହିଁ । କିନ୍ତୁ କେଉଁଥିରେ ସେ ଅସନ୍ତୁଷ୍ଟ ଗୋଷ୍ଠିଙ୍କୁ ସନ୍ତୁଷ୍ଟ କରପାରିଲେ ନାହିଁ । ଶେଷରେ ସେ ଧର୍ମ ସମାଜରୁ ବିଦାୟ ନେଲେ । ଭଗବାନଙ୍କର ପରୀକ୍ଷା ବେଳ ଆସିଲା ।

୧୯୪୮ ମସିହା ମାଘ ଶୁକ୍ଳ ଚତୁର୍ଦ୍ଦଶୀ ପରେ ସେ ବିଦାୟ ନେଇ ନିଜର ଗନ୍ତବ୍ୟ ପଥରେ ଅଗ୍ରସର ହେଲେ । ଭାରତର ବିଭିନ୍ନ ଧର୍ମ ସଂପ୍ରଦାୟ ସହ ଆଲୋଚନାରେ ରତ ହୋଇଥିଲେ କିନ୍ତୁ କେଉଁ-ଥିରେ ତାଙ୍କର ମନ ମାନିଲା ନାହିଁ । ସେହି ମହିମାଧର୍ମ ଶ୍ରେଷ୍ଠଧର୍ମ ବୋଲି ଉପଲବ୍ଧି କଲେ । ହେଲେ ଯେଉଁଠାରୁ ସେ ଫେରି ଆସିଲେ ସେଠାକୁ ଯାଇ ପୁଣି ସେଠାରେ ନିନ୍ଦିତ ଓ ଅପମାନିତ ହେବା ଆଦୌ ଉଚିତ ମନେକଲେ ନାହିଁ । ବାବା ମହୋଦୟ କହୁଥିଲେ ଯେ ଯେତେବେଳେ ସେ ମ୍ରିୟମାଣ ହୋଇ ବୁଲୁଥିଲେ

କଟକ ଜିଲ୍ଲାର କୌଣସି ଏକ ଗ୍ରାମ ବିଦ୍ୟାଳୟରେ ଶିକ୍ଷକତା ଯାପନ କରୁଥିବା ସମୟରେ ତାଙ୍କୁ ଶୂନ୍ୟବାଣୀ ହୋଇଥିଲା—"ମହୀନ୍ଦ୍ର ! ...ତୁମର ପ୍ରଗାଢ଼ ଏକ ବ୍ରହ୍ମ ଉପାସନାରେ ସ୍ୱୟଂ ଯୋଗେଶ୍ୱର ପ୍ରଭୁ ପ୍ରୀତ ହୋଇ ତୁମକୁ ଆଜ୍ଞା ପ୍ରଦାନ କରୁଛନ୍ତି । ତୁମେ ଶୀଘ୍ର ଯାଇ ମହିମାଗାଦିରେ ଅବସ୍ଥାନ କର ଓ ମହିମାଗାଦି ମନ୍ଦିରର ପଶ୍ଚିମ ଦ୍ୱାର ନିକଟରେ ନିଜ ଆସ୍ଥାନ ଜମାଇ ଏକବ୍ରହ୍ମ ଉପାସନାରେ ରତହୁଅ । ଭୀମ ଭୋଇଙ୍କ ଭଳି ତୁମେ ମଧ୍ୟ ଅନେକ ପୁସ୍ତକ ରଚନାରେ ପାରଦର୍ଶୀତା ଲଭ କର । ନୂତନ ଚିନ୍ତାଧାରା ନେଇ ମହିମା ଧର୍ମରେ ନୂତନତା ସୃଷ୍ଟିକର । ଯେଉଁମାନେ ଭୀମଭୋଇଙ୍କ ରଚନାକୁ ଭକ୍ତମାନଙ୍କ ଠାରୁ ଦୁରେଇ ଦେଇଛନ୍ତି ତୁମେ ସେମାନଙ୍କୁ ଉଚିତ ଶିକ୍ଷାପ୍ରଦାନ କର । ତୁମେ ଯେପରି ଗୁରୁଗାଦିରୁ ଛଡ଼ାଖାଇ ଆସି ଏଠି ସେଠି ବୁଲୁଛ ତାହା ବାସ୍ତବିକ ଦୁଃଖର ବିଷୟ । ଏଣୁ ତୁମେ ଶୀଘ୍ର ଏ ସ୍ଥାନ ତ୍ୟାଗକରି ଗୁରୁ-ଗାଦିରେ ଅବସ୍ଥାନ କର । ମହୀନ୍ଦ୍ର ବାବାଙ୍କ ମନରେ ନୂତନ ଆଶାର ସଞ୍ଚାର ହେଲା— କେତେକ ସନ୍ନ୍ୟାସୀଙ୍କ ଆମନ୍ତ୍ରଣ କ୍ରମେ ମୟୂରଭଞ୍ଜ ଜିଲ୍ଲାର ମେରୁମଠନରେ କିଛିଦିନ ଅବସ୍ଥାନ କରି ମହିମାଗାଦିକୁ ଫେରିଆସି ଶୂନ୍ୟବାଣୀକୁ ଲକ୍ଷ୍ୟକରି କୌପୀନଧାରୀ ମହିମା ସମାଜରେ ଅନ୍ତର୍ଭୁକ୍ତ ହେଲେ । କାରଣ କୌପୀନଧାରୀ ମହିମା ସମାଜ ଠିକ୍ ଗାଦିମନ୍ଦିରର ପଶ୍ଚିମ ଦିଗରେ ମାହାଳମୂଳ ଠାରେ ଅବସ୍ଥିତ ଥିଲା । ଯୋଗେଶ୍ୱର ମହିମାପ୍ରଭୁଙ୍କ ଆଜ୍ଞାନୁସାରେ କୌପୀନଧାରୀ ମହିମା ସମାଜ ଅନ୍ତର୍ଭୁକ୍ତ ହୋଇ ବଶିଷ୍ଟ କୌପୀନ ଧାରୀ ସନ୍ନ୍ୟାସୀ ବୃନ୍ଦାବନବାବାଙ୍କ ଠାରୁ ଶିଷ୍ୟତ୍ୱ ଗ୍ରହଣ କଲେ । ବିଚ୍ଛିନ୍ନ ତଥା ଅସଂହତ ହୋଇ ପଡ଼ିଥିବା କୌପୀନଧାରୀ ମହିମା ସମାଜକୁ ସଜାଡ଼ିବାକୁ ଦୃଢ଼ ସଂକଳ୍ପ ହୋଇ ବିଭିନ୍ନ ଆଡ଼େ ସ୍ଥାନ

ଚ୍ୟୁତ ହୋଇ ରହିଥିବା କୌପୀନଧାରୀ ମହିମା ସନ୍ନ୍ୟାସୀ ମାନଙ୍କୁ ଏକତ୍ରିତ କରିବାକୁ ଲାଗିପଡ଼ିଲେ । ୧୯୫୩ ମସିହାରେ ମହେନ୍ଦ୍ର ବାବାଙ୍କ ନେତୃତ୍ୱରେ ସାରା ଭାରତରେ ୨୭ ଗୋଟି ଶାଖ ମହିମା ଧର୍ମ ସଭା ଗଠନ କରାଗଲା ; ଯେଉଁ ସଭାର ମୂଳ ଲକ୍ଷ୍ୟ ଥିଲା ମହିମା ଧର୍ମର ପ୍ରଚାର ଓ ପ୍ରସାର । ଏହି ଧର୍ମ ସଭାଗୁଡ଼ିକ ମଧ୍ୟରେ ରାୟଗଡ଼, ଚନ୍ଦ୍ରପୁର, ସୁନ୍ଦରଗଡ଼, ସମ୍ବଲପୁର, ବୋଡ଼ାସମ୍ବର, ରାୟପୁର, ବିହାର, ଟାଟା, ଆସାମ ଇତ୍ୟାଦି ପ୍ରଧାନ । ବାବା ମହୋଦୟ କୌପୀନଧାରୀ ମହିମା ସମାଜର ସାଧୁମାନଙ୍କ ସହାୟତାରେ ଯେଉଁ ଧର୍ମସଭାମାନଙ୍କରେ ଭାଷଣ ଦେଉଥିଲେ ଓ ସେହି ସ୍ଥାନ ଜନସମାଗମରେ ଭରପୁର ହୋଇ ଉଠୁଥିଲା ।

ଧାର୍ମିକ ଜନତା କରତାଳି ଦ୍ୱାରା ବେଶି ସମୟ ଭାଷଣ ଶୁଣିବାକୁ ନିବେଦନ କରୁଥିଲେ । ବାବା ମହୋଦୟଙ୍କ ସୁଲଳିତ କଣ୍ଠସ୍ୱର ଦ୍ୱାରା ଭାଷଣ ଭିତରେ ଭୀମଭୋଇଙ୍କ ରଚନା ତଥା ବେଦ ବେଦାନ୍ତର ସାର ଗର୍ଭକ ଧର୍ମବାଣୀରେ ସଭାସ୍ଥାନ ଗୁଡ଼ିକ ଆନନ୍ଦରେ ପ୍ରକମ୍ପିତ ହେଉଥିଲା ।

ସେହି ବର୍ଷ ସୁରେନ୍ଦ୍ର ବାବାଙ୍କ ସଙ୍ଗରେ ଆସାମ ରାଜ୍ୟରେ ପ୍ରବେଶ କରି ମହିମାଧର୍ମ ସଭାମାନ ଆହ୍ୱାନ ପୂର୍ବକ ଛଅମାସ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରି କୌପୀନଧାରୀ ମହିମା ସମାଜ ଆସାମ ଶାଖାକୁ ବଳିଷ୍ଠ ନେତୃତ୍ୱ ପ୍ରଦାନ କରି ଗୁରୁଗାଦିକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପ୍ରଥମେ କୌପୀନଧାରୀ ମହିମା ସମାଜର ସାଧାରଣ ସମ୍ପାଦକ ରୂପେ ଦାୟିତ୍ୱ ବହନ କରି ବିଭିନ୍ନ ହିତକର କାର୍ଯ୍ୟରେ ମନୋନିବେଶ କଲେ ଓ କିପରି କୌପୀନଧାରୀ ମହିମା ସମାଜ ସୁଦୃଢ଼ ହୋଇ ପାରିବ ଲାଗିପଡ଼ିଲେ । ତାପରେ ବିଭିନ୍ନ

ଆଡ଼େ କୌପୀନଧାରୀ ମହିମା ସନ୍ନ୍ୟାସୀ ମାନେ ବିଚ୍ଛିନ୍ନ ହୋଇ ରହିଥିବାର ଲକ୍ଷ୍ୟ ତାଙ୍କ ମନରେ ଦେଖା ଦେଇଥିଲା । ବିଚ୍ଛିନ୍ନ ହୋଇଥିବା ସନ୍ନ୍ୟାସୀ ମାନେ କିପରି ଏକଜୁଟ ହୋଇ ପାରିବେ ଚିନ୍ତାକଲେ । ମଧ୍ୟପ୍ରଦେଶ ବସନା ମଠରେ ଅବସ୍ଥିତ ହୋଇଥିବା ବିଶିଷ୍ଟ କୌପୀନଧାରୀ ସନ୍ନ୍ୟାସୀ ଜଟିଆବାବାଙ୍କୁ ମହିମା ଗାଦିରେ ଆଣି ଅବସ୍ଥାପିତ କରାଇଲେ । ସେହିଦିନ ଠାରୁ ଶ୍ରୀମତ୍ ଜଟିଆବାବା ମହିମ ଗାଦିରେ ଅବସ୍ଥାପିତ ହୋଇଛନ୍ତି ଏବଂ ଏବେ କୌପୀନଧାରୀ ମହିମା ସମାଜର ଅଧିକ୍ଷଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି ।

## ୧୯୫୭ ମସିହା ଦିଲ୍ଲୀ ବିଶ୍ୱଧର୍ମ ସମ୍ମିଳନୀ ଓ ସନ୍ନ୍ୟାସୀ ମହୀନ୍ଦ୍ର ବାବା

୧୯୫୭ ମସିହାରେ ଆହୂତ ହୋଇଥିବା ଦିଲ୍ଲୀ ବିଶ୍ୱଧର୍ମ ସମ୍ମେଳନୀରେ ସନ୍ନ୍ୟାସୀ ମହୀନ୍ଦ୍ରବାବା, କାଶୀନାଥ ବାବାଙ୍କୁ ସଙ୍ଗରେ ଧରି ଯୋଗଦାନ କରି ମହିମାଧର୍ମ ସମ୍ପର୍କରେ ସାରଗର୍ଭକ ଭାଷଣ ମାନ ପ୍ରଦାନ ପୂର୍ବକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉକ୍ତ ବିଶ୍ୱଧର୍ମ ସମ୍ମେଳନୀରେ ମହିମା ଧର୍ମ ସମ୍ପର୍କରେ "ବିଶ୍ୱକଲ୍ୟାଣ ପଥେ ମହିମାଧର୍ମ" ଶୀର୍ଷକ ଏକ ପୁସ୍ତକ ଇଂରାଜୀରେ ଓ ଓଡ଼ିଆରେ ରଚନା କରି ବିତରଣ କରିଥିଲେ ଓ "ଦିଲ୍ଲୀ ବିଶ୍ୱଧର୍ମ ସମ୍ମେଳନୀ" ନାମକ ଏକ ପୁସ୍ତକ ରଚନା କରି ଉକ୍ତ ସଭାର ଆଭାସ ଚିତ୍ର ପ୍ରଦାନ କରିଥିଲେ । ଉକ୍ତ ସମ୍ମେଳନୀ ଦିଲ୍ଲୀଠାରେ ତା ୧୭ । ୧୧ । ୫୭, ତା ୧୮ । ୧୧ । ୫୭ ଓ ତା ୧୯ । ୧୧ । ୫୭ ତିନଦିନ ଧରି ଅନୁଷ୍ଠିତ ହୋଇଥିଲା । ମହୀନ୍ଦ୍ର ବାବା ଥିଲେ ମହିମାଧର୍ମର ପ୍ରଥମ ସନ୍ନ୍ୟାସୀ, ଯିଏ କି ବିଶ୍ୱଧର୍ମ ସମ୍ମେଳନୀରେ ଯୋଗଦାନ କରି ଏକ ବ୍ରହ୍ମ ଉପାସନା ଉପରେ ଓଜସ୍ୱିନୀ ଭାଷଣମାନ ପ୍ରଦାନ କରି

ମହିମାଧର୍ମର ଗୌରବକୁ ଦ୍ୱିଗୁଣିତ କରିଥିଲେ । ଉକ୍ତ ସମ୍ମେଳନୀରେ ବାବା ମହୋଦୟ ଓଡ଼ିଆ ଭାଷାରେ "ବିଶ୍ୱକଲ୍ୟାଣ ପଥେ ସତ୍ୟ ମହିମାଧର୍ମ" ଶୀର୍ଷକ ପ୍ରବନ୍ଧ ଲେଖି ବିତରଣ କରିଥିଲେ ଓ ତାର ଇଂରାଜୀ ଅନୁବାଦକୁ ସମ୍ମେଳନୀର ପ୍ରତିନିଧି ସଭାରେ ବଣ୍ଟନ କରିଥିଲେ । ଯାହାଫଳରେ କି ଅଧ୍ୟକ୍ଷ ମହୋଦୟ ସତ୍ୟ ମହିମାଧର୍ମ ସମ୍ପର୍କରେ ବିଶେଷ ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ପ୍ରାପ୍ତ ହୋଇଥିଲେ । ଉକ୍ତ ନିବନ୍ଧରେ ଭୀମଭୋଇଙ୍କ ରଚନାର ବହୁ ଅଂଶ ଉଦ୍ଧୃତ କରାଯାଇ ମହିମା ଧର୍ମର ଗୁରୁତ୍ୱ ଉପରେ ବିଶେଷ ବ୍ୟାଖ୍ୟା କରାଯାଇଥିଲା । ମହୀନ୍ଦ୍ରବାବାଙ୍କ ରଚିତ ଗୋଟିଏ ପ୍ରାର୍ଥନା ଓ ମାନବ ଧର୍ମ ସମ୍ପର୍କରେ ଗୋଟିଏ କବିତା ସେହି ପୁସ୍ତକରେ ସ୍ଥାନ ପାଇଥିଲା । ଦିଲ୍ଲୀ ସମ୍ମେଳନୀରେ ବାବା ମହୋଦୟ ମହିମାଧର୍ମ ସମ୍ପର୍କରେ ସାରଗର୍ଭକ ଭାଷଣ ଦେଇ ଗୌରବ ଅର୍ଜନ କରିଥିଲେ । ଦିଲ୍ଲୀରୁ ଫେରି "ଦିଲ୍ଲୀ ବିଶ୍ୱଧର୍ମ ସମ୍ମେଳନ କି ଅନୁଭୂତି" ନାମକ ଏକ ପୁସ୍ତକ ରଚନା କରିଥିଲେ ।

## ୧୯୫୯ ମସିହା କଲିକତା ବିଶ୍ୱଧର୍ମ ସମ୍ମେଳନୀ ଓ ମହୀନ୍ଦ୍ର ବାବା

ତା ୧୫ । ୧୧ । ୫୯ ଦିନ ଦ୍ୱିତୀୟ ଥର ପାଇଁ କଲିକତାଠାରେ ବିଶ୍ୱଧର୍ମ ସମ୍ମେଳନୀ ଅନୁଷ୍ଠିତ ହେବା ପାଇଁ ମହୀନ୍ଦ୍ର ବାବା ପତ୍ର ପ୍ରାପ୍ତି ହୋଇ ସମ୍ମେଳନୀରେ ଯୋଗଦାନ କରିବା ପାଇଁ ପ୍ରସ୍ତୁତ ହେଲେ । ଉକ୍ତ ସମ୍ମେଳନୀରେ କୌପୀନଧାରୀ ମହିମା ସମାଜ ତରଫରୁ ଶ୍ରୀ ଜଟିଆ ବାବା, ଶ୍ରୀ ଅଚ୍ୟୁତାନନ୍ଦ ବାବା ପ୍ରମୁଖ ସନ୍ନ୍ୟାସୀ ମହୋଦୟ ଗଣ ଯୋଗଦାନ କରିଥିଲେ । ମହୀନ୍ଦ୍ର ବାବା ଉକ୍ତ ସମ୍ମେଳନୀରେ ମହିମାଧର୍ମ ତରଫରୁ ନେତୃତ୍ୱ ଗ୍ରହଣ

କରିଥିଲେ । ଉକ୍ତ ସମ୍ମେଳନୀ କଲିକତା ମହାନଗରୀରେ ପୁଣ୍ୟ କାର୍ତ୍ତିକ ପୂର୍ଣ୍ଣିମା ଦିବସରେ ଅନୁଷ୍ଠିତ ହୋଇଥିଲା । ମହିମାଧର୍ମ ତରଫରୁ ହିନ୍ଦି ଭାଷାରେ "ପୁଣ୍ୟ ପୀଠ ଭାରତ ଓ ବିଶ୍ୱଧର୍ମ ସମ୍ମେଳନ" ନାମକ ଏକ ପୁସ୍ତକ ମହାନନ୍ଦ ବାବାଙ୍କ ଦ୍ୱାରା ରଚିତ ଓ ପ୍ରକାଶିତ ହୋଇ ବିତରଣ କରାଯାଇ ଥିଲା । ଉକ୍ତ କ୍ଷୁଦ୍ର ପୁସ୍ତିକାରେ ମହିମାଧର୍ମର ମୂଳତତ୍ତ୍ୱ ଉପରେ ଆଧାରିତ ତଥା ଭୀମ ଭୋଇଙ୍କ ଦ୍ୱାରା ରଚିତ ବହୁ ତଥ୍ୟ ସମ୍ବଳିତ ମହିମାଧର୍ମର ସ୍ପଷ୍ଟ ଚିତ୍ର ପ୍ରଦାନ ହୋଇଥିଲା । ଶ୍ରୀ ମହାନନ୍ଦ ବାବା, ଶ୍ରୀ ଜଟିଆ ବାବା ଓ ଶ୍ରୀ ଅଚ୍ୟୁତାନନ୍ଦ ବାବା ସମ୍ମେଳନୀରେ ଯୋଗଦାନ କରି ମହିମା ଗାଦିକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ମହାନନ୍ଦ ବାବା ଦୁଇ ଦୁଇଟି ବିଶ୍ୱଧର୍ମ ସମ୍ମେଳନୀରେ ଯୋଗଦାନ କରି ସମ୍ବଲପୁରରେ ବିଭିନ୍ନ ସହରର ଧର୍ମାନୁଷ୍ଠାନ, ବିଭିନ୍ନ ସ୍କୁଲ କଲେଜରେ ମାନବ ଧର୍ମ ଓ ମହିମାଧର୍ମ ସମ୍ପର୍କରେ ଗୀତା, ଭାଗବତ, ବେଦ, ବେଦାନ୍ତର ଉଦ୍ଧୃତାଂଶମାନ ବଖାନ କରିଥିଲେ । ଶ୍ରୋତାମାନେ ତାଙ୍କ ଭାଷଣକୁ ମନ୍ତ୍ର ମୁଗ୍ଧ ଭଳି ଶ୍ରବଣ କରୁଥିଲେ । ଅନର୍ଗଳ ସଂସ୍କୃତ ଶ୍ଳୋକର ସାବଲୀଳ ବ୍ୟାଖ୍ୟା ଧର୍ମ ପିପାସୁମାନଙ୍କ ମନରେ ନୂତନ ଚେତନା ପ୍ରଦାନ କରୁଥିଲା । ଓଡ଼ିଶା, ଆସାମ, ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶର ବହୁ ସ୍କୁଲ ଓ କଲେଜରେ ଧର୍ମ ସଭାରେ ଭାଷଣ ଦେଇ ଯଶ ରଖି ଯାଇଛନ୍ତି ମହାନନ୍ଦ ବାବା । ନେପାଳର ଅନେକ ଭକ୍ତ ବାବା ମହୋଦୟଙ୍କ ଠାରୁ ଦୀକ୍ଷା ଗ୍ରହଣ ମଧ୍ୟ କରିଛନ୍ତି ।

**ମହିମା ଗାଦିରେ ସାଂଗଠନିକ କାର୍ଯ୍ୟକ୍ରମ :—**

ମହିମାଗାଦିର ସର୍ବାଙ୍ଗୀନ ଉନ୍ନତି ତଥା କୌପୀନଧାରୀ ମହିମା ସମାଜକୁ ସୁଦୃଢ଼ କରିବା ପାଇଁ ବାବା ସର୍ବଦା ଚେଷ୍ଟିତ

ଥିଲେ । ବାବା ମହୋଦୟଙ୍କ ଉଦ୍ୟମରେ ଅଖଣ୍ଡବଣ୍ଟା ମନ୍ଦିର, ମହିମା ବିଦ୍ୟାପୀଠ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯେତେଗୁଡ଼ିଏ କାର୍ଯ୍ୟରେ ବାବା ଆଗେଇ ଆସୁଥିଲେ କେତେକ ବ୍ୟକ୍ତି ତାଙ୍କୁ ବିରୋଧ କରୁଥିଲେ, ଯାହା ଫଳରେ କି ଅନେକ କାର୍ଯ୍ୟ ଆଶାନୁରୂପ ଭାବେ ବିଳମ୍ବିତ ହେଉଥିଲା । ସତ୍ୟ ମହିମାଧର୍ମ ଓ ଆଲୋଚନା ସଭା, ସତ୍ୟ ମହିମା ଧର୍ମ ଆଲୋଚନା ସମିତି, ମହିମା ସମାଜ ପରିଚାଳନା ସମିତି ଇତ୍ୟାଦି ବହୁ ଅନୁଷ୍ଠାନ ଗଠନ ପୂର୍ବକ ସାଧୁ ଓ ଭକ୍ତମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଥିଲା ବାବା ମହୋଦୟଙ୍କର ପ୍ରଧାନ ଲକ୍ଷ୍ୟ । ପ୍ରାର୍ଥନା ସଭା ତାଙ୍କର ଦ୍ୱାରା ସୃଷ୍ଟି ହୋଇଥିଲା । ସମସ୍ତ ସାଧୁମାନେ ଏକତ୍ର ବସି ପ୍ରାର୍ଥନା ରତ ହୁଅନ୍ତି ଓ ସମୟାନୁସାରେ ବିଭିନ୍ନ କାର୍ଯ୍ୟରେ ଲିପ୍ତ ରହନ୍ତି । ଏସବୁ କେବଳ ଥିଲା ମହାନନ୍ଦ ବାବାଙ୍କ ଦ୍ୱାରା ପରିଚାଳିତ । କୌପୀନଧାରୀ ମହିମା ସମାଜର ଅନେକ ସ୍ଥାବର ଅସ୍ଥାବର ସଂପତ୍ତି ପରହସ୍ତଗତ ହୋଇଥିଲା, ସେଗୁଡ଼ିକ ଉପରେ 'ସମାଜ ଅନ୍ତର୍ଭୁକ୍ତ ହୋଇ ଜନ ସେବାରେ ନିୟୋଜିତ ହୋଇ ପାରିବ, ସେଥି ନିମନ୍ତେ ବାବା ମହୋଦୟଙ୍କ ଉଦ୍ୟମ ପ୍ରଶଂସନୀୟ । ଅନ୍ୟ ଗୋଟିଏ ମହନୀୟ ଉଦ୍ୟମ ଭିତରେ ବଲ୍‌କଲ ଧାରୀ ସନ୍ନ୍ୟାସୀ ମାନଙ୍କଠାରୁ କୌପୀନଧାରୀ ସନ୍ନ୍ୟାସୀମାନେ କେବେ ହେଲେ ନ୍ୟୂନ ନୁହଁନ୍ତି ଏକଥା ସେ ମଧ୍ୟ ସବୁ ଜାଗାରେ ପ୍ରମାଣ ସହ ବିସ୍ଥାନ କରିଛନ୍ତି । ଏଣୁ ଗାଦି ମନ୍ଦିରରେ ଦୁଇ ଶ୍ରେଣୀର ସନ୍ନ୍ୟାସୀ ମାନେ ଉପରି ପୂଜା କରିବେ ସେଥି ନିମନ୍ତେ ଉଦ୍ୟମ ମଧ୍ୟ ଅବ୍ୟାହତ ରଖିଥିଲେ ।

ଯୋଗେଶ୍ୱର ମହିମା ପ୍ରଭୁ ନିଜେ କୌପୀନ ପରିଧାନ କରି ଧରାବକ୍ଷରେ ଅବତୀର୍ଣ୍ଣ ହୋଇଥିଲେ ଓ ସମୟାନୁକ୍ରମେ ବଲ୍‌କଲ

ମଧ୍ୟ ପରଧାନ କରିଥିଲେ, ଏକଥା ଭୀମଭୋଇଙ୍କ ପ୍ରଣୀତ ବ୍ରହ୍ମ ନିରୂପଣ ଗୀତାରୁ ଉଦ୍ଧୃତ କରି ବାରମ୍ବାର ମହାନନ୍ଦ ବାବା କହି ଆସିଛନ୍ତି । ଏଣୁ କୌପୀନଧାରୀ ଓ ବଲ୍‌କଳଧାରୀ ଗୁରୁଭ୍ରାତ ।

"ଆଦି ମହିମାଙ୍କ ବାନା 'ପତିତପାବନ
ତାଙ୍କର ବାନା ଅଟଇ ସୂତାର ବସନ ।
ମହା ମହିମାଙ୍କ ବାନା ଭେକ ରସମୂଳ
ତାଙ୍କର ବାନା ଅଟଇ ବୃକ୍ଷର ବଲ୍‌କଳ ।"

ଯେଉଁ ସମୟରେ ଓଡ଼ିଶାର ମହାମାନ୍ୟ ମନ୍ତ୍ରୀ ଶ୍ରୀ ସତ୍ୟପ୍ରିୟ ମହାନ୍ତି ଢେଙ୍କାନାଳ ଜିଲ୍ଲାପାଳ, ଢେଙ୍କାନାଳ ପୁଲିସ ସାହେବ, ତତ୍‌କାଳୀନ ହିନ୍ଦୁ ଦେବୋତ୍ତର କମିଶନର ମହିମା ଗାଦି ଠାରେ ମତଭେଦ ଦୂର କରିବା ପାଇଁ ଉପସ୍ଥିତ ଥିଲେ, ସେଠାରେ କୌପୀନଧାରୀ ମହିମା ସମାଜ ତରଫରୁ ଶ୍ରୀମତ୍ ମହାନନ୍ଦ ବାବା ଉପସ୍ଥିତ ହୋଇ ପ୍ରଶ୍ନ କରିଥିଲେ ଯେ "ବିଶୁଦ୍ଧ ହିନ୍ଦୁଧର୍ମ କ'ଣ ?" ପ୍ରାଚୀନ କାଳରେ ଆର୍ଯ୍ୟ ହିନ୍ଦୁମାନେ କେଉଁ ନାମ ତତ୍ତ୍ୱକୁ ଜପ କରୁଥିଲେ ? ମହିମାଧର୍ମ ପ୍ରଚ୍ଛର ହେବାର କାରଣ କ'ଣ ? ବାବା ମହୋଦୟଙ୍କର ଏପରି ଗୂଢ଼ ପ୍ରଶ୍ନ ଶୁଣି ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ସମେତ ମନ୍ତ୍ରୀ ମହୋଦୟ ଓ ଉଚ୍ଚ ପଦସ୍ଥ ଅଫିସରମାନେ ବିସ୍ମିତ ହେବା ସଙ୍ଗେ ସଙ୍ଗେ ସନ୍ନ୍ୟାସୀ ଜଣେ ବାଗ୍ମୀ ଅଟନ୍ତି ବୋଲି ପ୍ରମାଣ ପାଇଥିଲେ । ଏ ସମସ୍ତ ପ୍ରଶ୍ନର ଉତ୍ତର ମଧ୍ୟ ଅପର ପକ୍ଷର ସନ୍ନ୍ୟାସୀ ମାନେ ଦେଇ ପାରି ନ ଥିଲେ ।

ପର ଅପର ସନ୍ନ୍ୟାସୀ ସଂପ୍ରଦାୟ ସୃଷ୍ଟିର ମହାନନ୍ଦ ବାବା ଘୋର ବିରୋଧୀ ଥିଲେ ଓ ଏଭଳି ଯେଉଁମାନେ ସୃଷ୍ଟି କରୁଥିଲେ ସେମାନଙ୍କୁ ମଧ୍ୟ ମୁହେଁ ମୁହେଁ ସମାଲୋଚନା କରୁଥିଲେ ।

ମହାନ୍ଦ୍ର ବାବା ଯେଉଁ କାର୍ଯ୍ୟରେ ହସ୍ତ ଦେଉଥିଲେ, ସେ କାର୍ଯ୍ୟ ସିଦ୍ଧିପ୍ରଦ ହେଉଥିଲା । ୧୯୬୮ ମସିହାରେ ମହିମାଗାଦିଠାରେ ବିଶିଷ୍ଟ ଭୂଦାନ ନେତା ଆଚାର୍ଯ୍ୟ ହରିହର ଉପସ୍ଥିତ ହୋଇ ମହାନ୍ଦ୍ର ବାବାଙ୍କର ସାନ୍ନିଧ୍ୟ ଲାଭକରି ପ୍ରୀତ ହୋଇଥିଲେ ।

**ବ୍ୟକ୍ତିତ୍ୱ**

ବାଲ୍ୟ ବ୍ରହ୍ମଚାରୀ, ନିଷ୍କପଟ ସାଧୁ, ସଂଯମୀ, ବାଗ୍ମୀ ମହାନ୍ଦ୍ର ବାବାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ତାଙ୍କୁ ମହାନ୍ ପଣ୍ଡିତ ହିସାବରେ ପ୍ରମାଣିତ କରିଥିଲା । ଯୋଗେଶ୍ୱର ପ୍ରଭୁଙ୍କ ଅପାର କରୁଣା ବଳରେ ବାବା ମହୋଦୟ ଉତ୍ତରୋତ୍ତର ଉନ୍ନତି କରିଥିଲେ । ଜଣେ ସଂଯମୀ ଅହିଂସାବାଦୀ ସାଧୁ ହିସାବରେ ବାବା ବିଶେଷ ଖ୍ୟାତି ଅର୍ଜନ କରିଥିଲେ । ମାଛ ମାଂସ ଭକ୍ଷଣର ସଂପୂର୍ଣ୍ଣ ବିରୋଧ କରୁଥିଲେ ମହାନ୍ଦ୍ର ବାବା । ନିଜେ ଗିନି ଖଞ୍ଜଣୀ ଧରି ଭକ୍ତ ସାଧୁ ଓ ଶିଷ୍ୟମାନଙ୍କ ଗହଣରେ ବସି ସ୍ୱରଚିତ ଭଜନ ଓ ଭୀମଭୋଇଙ୍କ ଭଜନ ଗାନ କରି ଆନନ୍ଦରେ ଗଦ୍ ଗଦ୍ ହୋଇ ଅଧୀର ହୋଇ ପଡୁଥିଲେ । ଭଜନ ଗାୟନ କଲାବେଳେ ତାଙ୍କର ଅଧରରୁ ଅମୃତ ଝରି ପଡୁଥିବା ଜଣାଯାଏ । ସାଂଖ୍ୟ, ବେଦାନ୍ତ, ସାହିତ୍ୟ, ଅଷ୍ଟାଦଶ ପୁରାଣ, ଗୀତା, ଭାଗବତ, ବେଦ, ଓଁକାର, ଭୀମଭୋଇ ଦର୍ଶନ ଉପରେ ଓଜସ୍ୱିନୀ ବକ୍ତୃତାମାନ ଦେଇ ଧାର୍ମିକ ଜନତା ହୃଦୟରେ ନୂତନତା ପ୍ରଦର୍ଶନ କରୁଥିଲେ ବାବା ମହୋଦୟ । ସେ ଭାଷଣ ଥରେ ଯେ ଶୁଣିଛି, ତାର ହୃଦୟ ନିଶ୍ଚେ ଚିରଦିନ ପାଇଁ ମହାନ୍ଦ୍ର ବାବାଙ୍କୁ ଝୁରୁଥିବ, ଏହା ନିଃସନ୍ଦେହ । ଖାଲି ଯେ ବାବା ବହୁ ଶାସ୍ତ୍ର ପଣ୍ଡିତ ଥିଲେ ତାହା ନୁହେଁ, ପିଲାମାନଙ୍କ ସାଙ୍ଗରେ ପିଲା ଓ ବୟୋଜ୍ୟେଷ୍ଠ ସନ୍ନ୍ୟାସୀମାନଙ୍କ ପାଖରେ ସାନ ଭାଇ ହିସାବରେ ଓ ସବୁ ସନ୍ନ୍ୟାସୀମାନଙ୍କ ଠାରେ ଅନାବିଳ ବନ୍ଧୁତ୍ୱ ପରିଦର୍ଶନ

କରାନ୍ତି । ହସ କଥା, କୌତୁହଳ ପୂର୍ଣ୍ଣ ହିତୋପଦେଶ ଦାନକରି ସମସ୍ତଙ୍କୁ ଆନନ୍ଦରେ ଅଧୀର କରାଇ ଦେଉଥିଲେ ମହାନନ୍ଦ ବାବା । ଓଡ଼ିଶା, ମଧ୍ୟପ୍ରଦେଶ, ଆସାମ, ବଙ୍ଗଳା, ବିହାରରେ ଭ୍ରମଣ ସମୟରେ ବହୁ ଭକ୍ତ ଓ କୌପୀନଧାରୀ ମହିମା ସମାଜର ସାଧୁ ଭକ୍ତମାନଙ୍କ ଗହଣରେ ଅଖଣ୍ଡ ଘୃତ ଧୂନି ପ୍ରଦାନ କରି ଦେଶର ମଙ୍ଗଳ କାମନାରେ ନିମଗ୍ନ ରହୁଥିଲେ । ଯେଉଁଆଡ଼େ ଭ୍ରମଣ କରିବାକୁ ଗଲେ ଶହ ଶହ ଭକ୍ତ ତାଙ୍କ ସାଙ୍ଗରେ ଯାତ୍ରା କରନ୍ତି । ପୁସ୍ତକ ରଚନା କରି ଭକ୍ତମାନଙ୍କ ଅର୍ଥ ଦାନରେ ପ୍ରକାଶିତ କରି ବିତରଣ କରିବା ଥିଲା ତାଙ୍କର ମୂଳ ଉଦ୍ଦେଶ୍ୟ । ନିର୍ଲୋଭୀ, ପରୋପକାରୀ, ହିତାକାଙ୍କ୍ଷୀ, ମଙ୍ଗଳାଭିଳାଷୀ ସାଧୁ ହିସାବରେ ତାଙ୍କର ଯଥେଷ୍ଟ ସୁନାମ ରହିଛି । ମହିମା ଧର୍ମର ଉନ୍ନତି ପାଇଁ ବାବା ମହୋଦୟଙ୍କ ଉଦ୍ୟମ ଅବିସ୍ମରଣୀୟ । ଗୁରୁ ଶିଷ୍ୟମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ପାଇଁ ସର୍ବଦା ଚେଷ୍ଟିତ ଥିଲେ । ତାଙ୍କର ପ୍ରିୟ ଶିଷ୍ୟ ହିସାବରେ ମହେଶ୍ୱର ବାବା, କୁମରମଣି ବାବା, ୬ ସତ୍ୟାନନ୍ଦଦାସ ୬ ଅବିନାଶୀ ଦାସ, ରାଜକିଶୋର ବାବା ଓ ହୃଦାନନ୍ଦ ବାବା ଅନ୍ୟତମ । ଏମାନଙ୍କ ମଧ୍ୟରୁ ମହେଶ୍ୱର ବାବା, କୁମର ମଣି ବାବା, ହୃଦାନନ୍ଦ ବାବା ଓ ରାଜକିଶୋର ବାବା କୌପୀନଧାରୀ ମହିମା ସମାଜରେ ଅଧିଷ୍ଠିତ ହୋଇଛନ୍ତି । ବାବାଙ୍କର ଲକ୍ଷ୍ୟ ଆର୍ଯ୍ୟ ହିନ୍ଦୁ ଧର୍ମର ସାର ତତ୍ତ୍ୱ ହିଁ "ସତ୍ୟ ମହିମାଧର୍ମ" ।

ସନ୍ନ୍ୟାସୀ ଅଚ୍ୟୁତାନନ୍ଦ ବାବା, ନୃସିଂହ ବାବା, ବେଣୁଧର ବାବା, କାଶୀନାଥ ବାବା, ୬ ରାଜନ ବାବା, ମଦନ ବାବା, ଜଟିଆ ବାବା, ବିଶୁଦ୍ଧାନନ୍ଦ ବାବା ଓଗେର ବହୁ ଆଦର୍ଶବାଦୀ ସନ୍ନ୍ୟାସୀମାନେ ମହାନନ୍ଦ ବାବାଙ୍କର ପରମ ମିତ୍ର ଥିଲେ । ମହାନନ୍ଦ

ବାବା ଉକ୍ତ ସନ୍ନ୍ୟାସୀମାନଙ୍କ ଗହଣରେ ରହି ଧର୍ମ ଶାସ୍ତ୍ର ଓ ମହିମାଧର୍ମ ପ୍ରସାର ଉଦ୍ଦେଶ୍ୟରେ ନାନା ଆଲୋଚନା ପୂର୍ବକ କର୍ତ୍ତବ୍ୟ କ୍ଷେତ୍ରରେ ଅଗ୍ରସର ଥିଲେ । ଦୁଃଖୀମାନଙ୍କ ପ୍ରତି ଦୟା ଓ ଅହିଂସା ତାଙ୍କର ଶ୍ରେଷ୍ଠ ଗୁଣ ଥିଲା । ତାଙ୍କୁ ଯିଏ ଯାହା ବିରୋଧ କଲେ ମଧ୍ୟ ହସ ହସ ବଦନରେ ସହି ଯାଉଥିଲେ ।

ମହିମା ସନ୍ନ୍ୟାସୀ ମହେନ୍ଦ୍ର ବାବା ସତ୍ୟ ମହିମାଧର୍ମର ତତ୍ତ୍ୱ-ସମ୍ବନ୍ଧରେ ବେଦ, ଉପନିଷଦ, ଏବଂ ଅନ୍ୟାନ୍ୟ ଶାସ୍ତ୍ର, ସହିତ ଭକ୍ତ ଭୀମଭୋଇଙ୍କ ଅମୃତମୟ କବିତାକୁ ଯେପରି ତୁଳନା କରି ଅଛନ୍ତି, ଏହା ମହିମାଧର୍ମ ମହତ୍ତ୍ୱକୁ ବିକଶିତ କରି ସତ୍ୟ ମହିମାଧର୍ମୀମାନଙ୍କୁ ପ୍ରେମ ଅଯୂନରେ ପ୍ରେରଣା ଦେଉଅଛି ।

ବାବା ମହୋଦୟ ଓଡ଼ିଶାର ମାଳ ଅଞ୍ଚଳରେ ଭ୍ରମଣ କରୁଥିବା ସମୟରେ ବ୍ୟାଘ୍ର ଓ ଭାଲୁ ଆଦି ହିଂସ୍ରଜନ୍ତୁଙ୍କ ମୁହାଁମୁହିଁ ହୋଇ ମଧ୍ୟ ଅଲେଖ ମହିମା ମହାମନ୍ତ୍ର ଜପି ସେମାନଙ୍କ କବଳରୁ ରକ୍ଷା ପାଇଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ତାଙ୍କଠାରେ ପ୍ରଗାଢ଼ ପ୍ରଭୁ ଭକ୍ତି ନିହିତ ଥିଲା ।

ଏହିଭଳି ବହୁ ହିତକର କାର୍ଯ୍ୟ କରିଯାଇଛନ୍ତି ଯେ ଯାହା ଫଳରେ କି ଜଗତ ଭକତ ତାଙ୍କୁ ପ୍ରତିକ୍ଷଣରେ ମନେ ପକାଉଛନ୍ତି ।

## ବାବା ମହୋଦୟଙ୍କ ଦେହତ୍ୟାଗ :—

୧୯୬୨ ମସିହା ମାଘମେଳା କାର୍ଯ୍ୟଶେଷ ହୋଇ ଯାଇଛି । ପୃଥିବୀରେ ଅଷ୍ଟଗ୍ରହକୂଟ ଦେଖା ଦେଇଛି । ବହୁମାନ୍ୟଗଣ କୌପୀନଧାରୀ ସନ୍ନ୍ୟାସୀ ଗାଦିରେ ଉପସ୍ଥିତ ଅଛନ୍ତି । ମହେନ୍ଦ୍ର ବାବା

ତା ୨୩ । ୨ । ୭୨ ଦିନ ଅଚ୍ୟୁତାନନ୍ଦ ବାବାଙ୍କ ଠାରୁ ବିଦାୟନେଇ କେନ୍ଦୁଝର ଜିଲ୍ଲାର ଘାନବେରେଣୀ ଧର୍ମସଭାରେ ବକ୍ତୃତା ଦେବା ପାଇଁ ଚାଲିଗଲେ । ଆଗରୁ ବେଣୁଧର ବାବା, ଅରୂପାନନ୍ଦ ବାବା, ସଦାନନ୍ଦ ବାବା, ଦାମବାବା, ଧରଣୀ ଦାସ, ଘାନବନ୍ଧୁ ବାବା, ଦୁଃଖମଣୀ ବାବା ଇତ୍ୟାଦି କୌପୀନଧାରୀ ମହିମା ସନ୍ନ୍ୟାସୀମାନେ ସଭାସ୍ଥଳରେ ପହଞ୍ଚି ଯାଇଥିଲେ । ସଭାକାର୍ଯ୍ୟ ଆରମ୍ଭ କରିବା ପାଇଁ ମହୀନ୍ଦ୍ର ବାବାଙ୍କୁ ଅପେକ୍ଷା ଥାଏ । ବାବା ମହୋଦୟ ଠିକ୍ ସମୟରେ ସଭାସ୍ଥଳରେ ପହଞ୍ଚି ଜନ ସମୁଦ୍ରକୁ ଘୀକ୍ଷାନ୍ତ ଭାଷଣ ଓ ମହିମାଧର୍ମ ତତ୍ତ୍ୱ ବଖ୍ୟାନ କରି ସମସ୍ତଙ୍କୁ ମୁଗ୍ଧକରି ଦେଇଥିଲେ । ତାପରେ ଆୟୋଜିତ ହୋଇଥିବା ଅଷ୍ଟଗ୍ରହକୂଟ ଯଜ୍ଞରେ ଘୃତାହୁତି ପ୍ରଦାନ କଲେ । ତା ୨୫ । ୨ । ୭୨ ରେ ସଭା ଓ ଯଜ୍ଞ ସମ୍ପନ୍ନ ହୋଇ ସାରିଲା ପରେ ମହୀନ୍ଦ୍ର ବାବା ମହୋଦୟ ତ ୨୬ । ୨ । ୭୨ ରେ ଭକ୍ତ ଓ ସାଧୁମାନଙ୍କ ଗହଣରୁ ବିଦାୟ ନେଇ ଗୁରୁଗାଦି ଅଭିମୁଖେ ଯାତ୍ରାକଲେ । ମହିମାଧର୍ମ କୌପୀନଧାରୀ ସମାଜର ସମସ୍ତ ସନ୍ନ୍ୟାସୀ ଓ ଭକ୍ତ ୱାରସାହୁ, କାହ୍ନୁ ଚରଣ ବଡ଼ଭାଇ, ଚତୁର୍ଭୁଜ ନାୟକ, ରାମଚନ୍ଦ୍ର ନାୟକ, ମହେଶ୍ୱର ଭକ୍ତ ଓ ଭଗବାନ ଭକ୍ତ ଓଗେର ଭକ୍ତବୃନ୍ଦ ବାବା ମହୋଦୟଙ୍କୁ ବିଦାୟ ଦେଲେ । ତା ୨୭ । ୨ । ୭୨ ରେ ଗୁରୁଗାଦିରେ ପହଞ୍ଚି ଅଚ୍ୟୁତା ନନ୍ଦ ବାବାଙ୍କୁ ସଭାର ବିବରଣୀ ଶୁଣାଇ ତା ୨୮ । ୨ । ୭୨ ରେ ସମାଜ କାମରେ କଟକ ଗଲେ । ତା ୨୮ । ୨ । ୭୨ ଦିନ ଅଚ୍ୟୁତାନନ୍ଦ ବାବାଙ୍କ ଗହଣରେ ବସି ଭିକ୍ଷାକରୁଥିବା ସମୟରେ ଭିକ୍ଷାପାତ୍ର (ଖପରାପାତ୍ର) ମଝିରୁ ଦୁଇଖଣ୍ଡ ହୋଇଗଲା । ଅଚ୍ୟୁତାନନ୍ଦ ବାବା ତାଙ୍କୁ କହିଲେ ଏ କ'ଣ ହେଲା । ସାଙ୍ଗେ ସାଙ୍ଗେ ବାବା ମହୋଦୟ କହିଲେ ଏହା ଅଷ୍ଟଗ୍ରହକୂଟର

ଆଗଷ୍ଟ ମାସ । ଆଉ ମାସ ୪ ଦିନ ଭିତରେ ଗ୍ରହକୂଟ ଶେଷ ହେବ ଓ ମାନବ ସ୍ୱର୍ଗ ଆରୋହଣ କରିବ । କିନ୍ତୁ ଅଚ୍ୟୁତାନନ୍ଦ ବାବା ଏହାରଅନ୍ତର୍ନିହିତ ଘଟଣା ବୁଝିପାରି ନଥିଲେ ଓ ନୀରବ ରହିଥିଲେ । ବାବା ସଙ୍ଗେ ସଙ୍ଗେ ଅଚ୍ୟୁତାନନ୍ଦ ବାବାଙ୍କୁ କହିଲେ ଆଉ ବୁଝିବା ଦରକାର ନାହିଁ । ସମୟ ଆସିଗଲାଣି ସମସ୍ତେ ବୁଝିବେ । କଟକରେ ସମସ୍ତ କାର୍ଯ୍ୟ ଶେଷକରି ବାବା ମହୋଦୟ ଢେଙ୍କାନାଳ ସହରକୁ ତା ୪ । ୩ । ୭୨ରେ ଫେରି ଆସିଥିଲେ । ସେଠାରେ ମହିମାଗାଦି ବସି ନ ପାଇ ରାତ୍ରୀଯାପନ ପାଇଁ ଠିକ୍ କରିଥିଲେ । ସନ୍ଧ୍ୟା ଦର୍ଶନ ଇତ୍ୟାଦି ସମାପନ କରି ଶଯ୍ୟାରେ ରାତି ୯ ଘଣ୍ଟା ସମୟରେ ଅମରଧାମକୁ ଯାତ୍ରାକଲେ । ସେ ଦିନ ଥିଲା ପୁଣ୍ୟତିଥି ଶିବରାତ୍ରୀ । ଢେଙ୍କାନାଳ ସହରର ବାବାଙ୍କ ପରମ ଭକ୍ତ ଶ୍ରୀଗୋବର୍ଦ୍ଧନ ରାୟ, ଶ୍ରୀ ବୀର ସାହୁ ଓ ଯୋରନ୍ଦା ଗ୍ରାମର ବିଶିଷ୍ଟ ବ୍ୟକ୍ତି ଶ୍ରୀ ବ୍ରଜବନ୍ଧୁ ରାଉତ ନଶ୍ୱର ଶରୀରକୁ ଆଣି ମହିମାଗାଦିରେ ପହଞ୍ଚିଲେ । ବହୁ ଭକ୍ତ ସଜ୍ଜନ ମଣ୍ଡଳୀ, କୌପୀନଧାରୀ ମହିମା ସନ୍ନ୍ୟାସୀ ବୃନ୍ଦ ଲୋତକ ପୂର୍ଣ୍ଣ ନୟନରେ ନଶ୍ୱର ଶରୀରକୁ ସମାଧିସ୍ଥ କଲେ । ଦ୍ରୁତଗତିରେ ଏହି ସମ୍ବାଦ ଚାରିଆଡ଼େ ଖେଳିଗଲା । ସବୁ ଆଡ଼େ ଶୋକର ଛାୟା ଦେଖାଦେଲା । ହେଲେ ଆଉ ମହାନନ୍ଦ ବାବା ମହିମାଗାଦିରେ ଦେଖିବାକୁ ମିଳିଲେ ନାହିଁ । ତାଙ୍କର ଅମର କୀର୍ତ୍ତି ତାଙ୍କୁ ଅମର କରି ରଖିଲା ।

---

## ଷଷ୍ଠ ଅଧ୍ୟାୟ

(ମହାନନ୍ଦ ବାବାଙ୍କ ରଚିତ ଗ୍ରନ୍ଥ)

ବାଲ୍ୟ ବ୍ରହ୍ମଚାରୀ ମହାନନ୍ଦ ବାବା ସାମାନ୍ୟ ଶିକ୍ଷାଗତ ଯୋଗ୍ୟତା ହାସଲକରି ମଧ୍ୟ ସେ ଥିଲେ ସଂସ୍କୃତ ସାହିତ୍ୟର ଜଣେ ଅସାଧାରଣ

ପଣ୍ଡିତ । ତାଙ୍କ ପାଣ୍ଡିତ୍ୱର ପଟାନ୍ତର ନାହିଁ । ନିଜ ... ର ଅକଲ ସେ ଭକ୍ତମାନଙ୍କୁ ପ୍ରଦାନ କରୁ ନଥିଲେ । ତାଙ୍କର ସମ... ରଚନା ଥିଲ ନିଜସ୍ୱ । ଅନ୍ୟ ଲେଖକ ବା ସ୍ୱର୍ଗତ ଲେଖକଙ୍କର ...ଲେଖାକୁ ସେ ନିଜ ନାମରେ ଛାପିବାକୁ ସମୀଚୀନ ମନେ କରୁ ନଥି... । ସିଦ୍ଧ କୌପୀନଧାରୀ ସନ୍ନ୍ୟାସୀ ଗଙ୍ଗାଧର ବାବାଙ୍କର ଦୁଇଖଣ୍ଡି ପାଣ୍ଡୁଲିପି ଯଥା ମହିମା ସଂହିତା ଓ ଗଙ୍ଗାଧର ଭଜନମାଳା ପ୍ରାପ୍ତ ହୋଇ ମଧ୍ୟ ସେଇ ଦୁଇ ପୁସ୍ତକକୁ ବାବା ମହୋଦୟଙ୍କ ନାମରେ ଛାପିଥିଲେ । ଏହାହିଁ ତାଙ୍କର ମହାନୀୟ ଚରିତ୍ରର ଏକ ଅଂଶ ମାତ୍ର । ବାବା ମହୋଦୟ ଆଶାବାଦୀ ଓ ଭାଗ୍ୟବାଦୀ କବି ଥିଲେ । ବାବା ମହୋଦୟଙ୍କର ରଚନା ମଧ୍ୟରେ ନିମ୍ନଲିଖିତ ପୁସ୍ତକ ଗୁଡ଼ିକ ସର୍ବଶ୍ରେଷ୍ଠ ଗ୍ରନ୍ଥ ରୂପେ ପରିଗଣିତ । **ପଦ୍ୟ ସାହିତ୍ୟ**—ମହିମା ଭଜନମାଳା, ମହିମା କୀର୍ତ୍ତନ, ଆରତି ଭଞ୍ଜନ (ଅପ୍ରକାଶିତ), ଜାତି, ସ୍ମୃତିମନ୍ଦିର (ଅପ୍ରକାଶିତ) ଶାଶ୍ୱତ ଝଙ୍କାର (ଅପ୍ରକାଶିତ) ମହିମା ମେଳା, ମହିମା ଗୀତ, ଗୃହସ୍ଥାଷ୍ଟକ, ସନ୍ନ୍ୟାସାଷ୍ଟକ, ବାଲ୍ୟଲୀଳା, ମେରୁମଠ ମକରଯାତ୍ରା, ସଂକୀର୍ତ୍ତନ ପ୍ରଦୀପ (ଅପ୍ରକାଶିତ) ଚିତ୍ତମାଳା, ମହିମାବିଜୟ, ମହିମା କଳ୍ପତରୁ (ଅପ୍ରକାଶିତ); ମହିମା ଲୀଳାମୃତ; ଯୁଗେ ଯୁଗେ ଭାରତ ଧର୍ମଧ୍ୱଜା, ଅଲେଖ ଏକାକ୍ଷର ଭଜନ, ଅଲେଖ ଓଁକାର ଗୀତା, ଏକାକ୍ଷର ବ୍ରହ୍ମଗୀତା, ଆତ୍ମଜ୍ଞାନ ଗୀତା, ମହିମା ମାଧୁରୀ, ଭାଇଭଉଣୀ ଗୀତା, ଯୋଗେଶ୍ୱର ମହିମା ପ୍ରଭୁ, ସତ୍ୟ ବିଜୟ । **ଗଦ୍ୟ ସାହିତ୍ୟ**—ସଂକ୍ଷିପ୍ତ ସତ୍ୟ ମହିମାଧର୍ମ ଇତିହାସ, ମହିମା ଆଲୋକ, ମହିମା ଦର୍ପଣ, ସତ୍ୟ ମହିମାଧର୍ମ ପରିଚୟ, ବାବା ଭାସିରାମ ଉପଦେଶାମୃତ, ସତ୍ୟମହିମା ଧର୍ମ, ସତ୍ୟ ମହିମାଧର୍ମର ନୀତି ନିୟମ, ବିଶ୍ୱକଲ୍ୟାଣ ପଥେ ମହିମାଧର୍ମ ଇତ୍ୟାଦି ଗ୍ରନ୍ଥ ତାଙ୍କର ଅନବଦ୍ୟ ସୃଷ୍ଟି ।

6155
୨୭/୮/୯୩

—ସମାପ୍ତ—